## ସଂକ୍ଷେପରେ

### ଆଇନଜୀବୀଙ୍କ ବିୟୋଗରେ କାର୍ଯ୍ୟବନ୍ଦ

**ବ୍ରହ୍ମପୁର ଅଫିସ,୨୨।୧:** ଗଞ୍ଜାମ ଓକିଲ ସଂଘର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ପ୍ରହଲ୍ଲାଦ କରଙ୍କ ବିୟୋଗରେ ବୁଧବାର ବାର୍ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ରବୀନ୍ଦ୍ର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ଜ୍ଞାପନ କରାଯାଇଥିଲା। ଏଥିରେ ସଂଘ ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଶତ୍ରୁଘନ ପାତ୍ର, ମୋହନ ସିଙ୍ଗାରି, ଶିଶିର ପାଢ଼ୀ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ସୁନୀଲ କୁମାର ସ୍ୱାଇଁ, ମନୋଜ ପଟ୍ଟନାୟକ, ପ୍ରଫୁଲ୍ଲ ଗୌଡ଼, ବରୁଣ ଗୌଡ଼, ଅକ୍ଷୟ ପଟ୍ଟନାୟକ, କରୁଣାକର ପାଣିଗ୍ରାହୀ, ସୀତାଂଶୁ ପଣ୍ଡା, ସଞ୍ଜୟ ମିଶ୍ର ଓ ଗୋପାଳ ପଣ୍ଡାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ବୁଧବାର ଦିନକ ପାଇଁ ଓକିଲ ସଂଘ ତରଫରୁ ଜିଲା ଜଜ୍ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତଗୁଡିକରେ କାର୍ଯ୍ୟ ବନ୍ଦ ରଖାଯାଇଥିଲା।

### ଅଗ୍ନି ନିରାପତ୍ତା କୌଶଳ ପ୍ରଦର୍ଶନ

**ବ୍ରହ୍ମପୁର ଅଫିସ,୨୨।୧:** ଆକସ୍ମିକ ଅଗ୍ନିକାଣ୍ଡ ଘଟିଲେ ସେଥିରୁ ନିଜେ ରକ୍ଷା ପାଇବା ସହ ଅନ୍ୟମାନଙ୍କୁ କିପରି ରକ୍ଷା କରାଯାଇ ପାରିବ, ସେନେଇ ବ୍ରହ୍ମପୁର ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା କୌଶଳ ପ୍ରଦର୍ଶନ କରାଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ସ୍ଥାନୀୟ ଅରବିନ୍ଦନଗରସ୍ଥିତ ମା’ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମକ୍‌ଡ୍ରିଲ ଜରିଆରେ ଅଗ୍ନି ନିରାପତ୍ତା କୌଶଳ ପ୍ରଦର୍ଶନ କରିଥିଲେ। ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କୁ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ବିଭିନ୍ନ କୌଶଳ ଶିକ୍ଷା ଦିଆଯାଇଥିଲା। ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର ଓ ଅନ୍ୟ କର୍ମଚାରୀମାନେ ମକ୍ ଡ୍ରିଲ ବେଳେ ଫାୟାର ଏକ୍‌ଟିଙ୍ଗୁଇସର ବ୍ୟବହାର, ଗ୍ୟାସ ସିଲିଣ୍ଡରରୁ ନିଆଁ ଲିଭା କୌଶଳ ସହିତ ଅଗ୍ନିକାଣ୍ଡ ବେଳେ ସତର୍କତା ମୂଳକ ପଦକ୍ଷେପ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା।

### ବ୍ରହ୍ମାକୁମାରିସ୍‌ର ବିଶ୍ୱଶାନ୍ତି ଦିବସ

**ବ୍ରହ୍ମପୁର ଅଫିସ,୨୨।୧:** ବ୍ରହ୍ମାକୁମାରିସ୍ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଞ୍ଜବିହାର ନିକଟସ୍ଥ ମୋନାର୍କ ମାର୍କେଟ ଶାଖାରେ ବିଶ୍ୱଶାନ୍ତି ଦିବସ ପାଳିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ମୁଖ୍ୟ ଭାଗୀରଥି ପାଣିଗ୍ରାହୀ ମୁଖ୍ୟଅତଥି ଭାବେ ଯୋଗଦେଇ ଆଧାତ୍ମିକ ଜ୍ଞାନ ରାଜଯୋଗ ଶିକ୍ଷାର ନିୟମିତ ଅଭ୍ୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଟାଟାଷ୍ଟିଲ ମ୍ୟାନେଜର ଆଶୋକ କୁମାର ରାୟ ଯୋଗ ଦେଇଥିଲେ। ବ୍ରହ୍ମାକୁମାରୀ ସଂଘମିତ୍ରା, ଈଶ୍ୱର ସେବା ଓ ବିଶ୍ୱରେ ଶାନ୍ତି ସ୍ଥାପନା ଦିଗରେ ବ୍ରତୀ ହେବାକୁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିଭିନ୍ନ ବିଭାଗ ପ୍ରଫେସର, ଅଧାପିକା, ଅଧାପକ, ରିସର୍ଚ୍ଚ ସ୍କଲାର, ମ୍ୟାନେଜର ଆର୍ମି ଅଫିସର ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାର ଅଭିଯୋଗ, ସରକାର ଯୋଗାଉନାହାନ୍ତି ଜମି

**ମନ୍ତ୍ରୀଙ୍କ ଘୋଷଣାରେ ରହିଛି ବୃହତ୍ ତୈଳ ଡିପୋ ସ୍ଥାପନ**

■ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଂଗ୍ରେସର ଟାର୍ଗେଟ

**ବ୍ରହ୍ମପୁର ଅଫିସ,୨୨।୧**

ଗଞ୍ଜାମ ଜିଲାରେ ବୃହତ୍ ତୈଳ ଡିପୋ ସ୍ଥାପନ କେବଳ ଘୋଷଣାରେ ରହିଛି। କେବେ ହେବ ତାହା ମଧ୍ୟ ଅନିଶ୍ଚିତ। କେଉଁ ଆବାହମାନ କାଳରୁ ବ୍ରହ୍ମପୁର ରେଳଷ୍ଟେଶନ ପାଖରେ ବିପିସିଏଲ (ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିଃ) ଡିପୋ ଥିଲା। ରେଲୱେ ଓଭରବ୍ରିଜ୍ ନିର୍ମାଣ ବେଳେ ରାସ୍ତା ସଂକୀର୍ଣ୍ଣ ହୋଇଯାଇଥିଲା। ଦକ୍ଷିଣାଞ୍ଚଳର ବିଭିନ୍ନ ଜିଲାକୁ ପେଟ୍ରୋଲ ଓ ଡିଜେଲ ଆଦି ପରିବହନ ପାଇଁ ଟ୍ୟାଙ୍କରଗୁଡ଼ିକ ରହିବାରେ ସମସ୍ୟା ଦେଖାଦେଇଥିଲା। ବିକଳ୍ପ ଭାବେ ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ରେଳଷ୍ଟେଶନ ପାଖରେ ଭାରତ ପେଟ୍ରୋଲିୟମ କର୍ପୋରେଶନ, ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଓ ଇଣ୍ଡିଆନ ଅଏଲ କର୍ପୋରେଶନ ଲିଃ ପକ୍ଷରୁ ବୃହତ୍ ତୈଳ ଡିପୋ ସ୍ଥାପନ କରାଯିବାର ପ୍ରସ୍ତାବ ରଖାଗଲା। ଅପରପକ୍ଷରେ ରେଳଷ୍ଟେଶନ ପାଖ ଗୁଡସ୍‌ଶେଡରେ ଥିବା ବିପିସିଏଲର ଡିପୋ ବନ୍ଦ ହୋଇଗଲା। ଏହାଦ୍ୱାରା ସେଠାରେ କାର୍ଯ୍ୟରତ ଶତାଧିକ ଶ୍ରମିକ ବେକାର ହୋଇଗଲେ। ପ୍ରତିବାଦରେ ବହୁବାର ଆନ୍ଦୋଳନ ସତ୍ତ୍ୱେ ସମସ୍ୟା ସମାଧାନ ହୋଇ ନ ଥିଲା।

୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନୀ ପ୍ରଚାର ପାଇଁ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସିଥିଲେ। କନିଷି ହାଟ ପାଖରେ ହୋଇଥିବା ଭାଜପା ସଭାରେ ଉପରୋକ୍ତ ୩ କର୍ପୋରେଶନ ତୈଳଡିପୋ ଗୋଳନ୍ଥରାରେ ସ୍ଥାପନ ହେବାର ସେ ଘୋଷଣା କରିଥିଲେ। ଏ ବାବଦରେ ୫ ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କା ବ୍ୟୟ ହେବ ବୋଲି ସୂଚନା ଦିଆଯାଇଥିଲା। ଫଳରେ ଅଞ୍ଚଳର ବହୁ ବିକାଶ ହେବ ଏବଂ ଶହ ଶହ ଲୋକଙ୍କୁ କର୍ମ ନିଯୁକ୍ତିର ସୁଯୋଗ ମିଳିବା ଆଶା କରାଯାଇଥିଲା। କେନ୍ଦ୍ରମନ୍ତ୍ରୀଙ୍କ ସୂଚନାର ୩ ବର୍ଷ ପୂରିବାକୁ ଯାଉଛି । ତୈଳ ଡିପୋ ସ୍ଥାପନର ନାଁଗନ୍ଧ ନ ଥିବାରୁ ଅନିଶ୍ଚିତତା ଦେଖାଦେଇଛି। କେନ୍ଦ୍ର ଭାଜପା ଓ ରାଜ୍ୟ ବିଜେଡି ସରକାର ବିଭିନ୍ନ ଯୋଜନା ପାଇଁ କେବଳ ପ୍ରଚାର କରୁଥିବା ଏବଂ କାର୍ଯ୍ୟକାରୀ କରୁନଥିବା ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ସମାଲୋଚନା କରିଛନ୍ତି।

ଅପରପକ୍ଷରେ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ଜେନା ବୁଧବାର ଭିନ୍ନ ମତ ଦେଇଛନ୍ତି। ବୃହତ୍ ତୈଳ ଡିପୋ ପାଇଁ ଆବଶ୍ୟକ ପଡୁଥିବା ଜମି ରାଜ୍ୟ ସରକାର ତଥା ପ୍ରଶାସନ ଯୋଗାଇ ଦେଉ ନ ଥିବା ପାଲଟା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ସହଯୋଗ କରୁ ନ ଥିବା ସେ ସୂଚାଇଛନ୍ତି। ବିକଳ୍ପ ବ୍ୟବସ୍ଥାରେ ଟାଟା କମ୍ପାନୀର ଗୋପାଳପୁର-ଛତ୍ରପୁର ମଧ୍ୟଭାଗରେ ହେଉଥିବା ସ୍ୱତନ୍ତ୍ର ଅର୍ଥନୈତିକ ଜୋନ (ଏସଇଜେଡ)ରେ ୩ କର୍ପୋରେଶନର ତୈଳ ଡିପୋ ସ୍ଥାପନ କରାଯିବାର ପଦକ୍ଷେପ ନିଆଯାଇଥିବା ଜେନା ଦର୍ଶାଇଛନ୍ତି। ତେବେ ବିଳମ୍ବ ହେଲେ ମଧ୍ୟ ଡିପୋ ପ୍ରତିଷ୍ଠା ହେବାର ବିଭୂତି ଆଶା ପ୍ରକଟ କରିଛନ୍ତି। ବିଜେଡି ଜିଲା ସଭାପତି ଓ ଅନ୍ୟମାନେ ଓଡ଼ିଶା ସାଂସ୍କୃତିକ ମହୋତ୍ସବରେ ଯୋଗଦେବାକୁ ସୁରଟ ଗସ୍ତରେ ଥିବାରୁ ଶାସକ ଦଳର ପ୍ରତିକ୍ରିୟା ମିଳିନାହିଁ।

ଅୟଲ ଟ୍ୟାଙ୍କର ମାଲିକ ଆସୋସିଏଶନର ବରିଷ୍ଠ ନେତା ଅରୁଣ କୁମାର ପଣ୍ଡାଙ୍କ ସୂଚନାନୁସାରେ ବ୍ରହ୍ମପୁରରେ ଡିପୋ ବନ୍ଦ ହୋଇଯିବାରୁ ଖୋର୍ଦ୍ଧା ଜିଲା ଜଟଣୀରୁ ବିପିସିଏଲର ତୈଳ ଗଞ୍ଜାମ, କନ୍ଧମାଳ ଓ କୋରାପୁଟ ଜିଲାର ପେଟ୍ରୋଲ ପମ୍ପଗୁଡ଼ିକୁ ଯୋଗାଇ ଦିଆଯାଉଛି। ଅନ୍ୟ ଦୁଇ କର୍ପୋରେଶନର ତୈଳ ପାରାଦ୍ୱୀପ ଓ ବିଶାଖାପାଟଣାରୁ ଆସୁଛି। ବ୍ରହ୍ମପୁର ଡିପୋ ବନ୍ଦ ଯୋଗୁ ସମସ୍ୟା ଦେଖାଦେଇଥିବା ପଣ୍ଡା ସ୍ୱୀକାର କରିଛନ୍ତି । ଏସ୍‌ଇଜେଡ ପରିସରରେ ବୃହତ୍ତ ତୈଳ ଡିପୋ ସ୍ଥାପନ ହେଲେ ସମାଧାନ ହୋଇପାରିବା ସ୍ପଷ୍ଟ କରିଛନ୍ତି।

# ବ୍ୟବସାୟିକ ଭବନରେ ଶକ୍ତି ସଂରକ୍ଷଣ କର୍ମଶାଳା



ବୈଠକରେ ଉପସ୍ଥିତ ବିଲ୍‌ଡର ଓ ବିଭିନ୍ନ ବିଭାଗର କର୍ମଚାରୀ।

**ବ୍ରହ୍ମପୁର ଅଫିସ,୨୨।୧**

ବ୍ରହ୍ମପୁର ମହାନଗର ନିଗମ, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ଓ ଶକ୍ତି ସଂରକ୍ଷଣ ଭବନ କୋଡ(ଇସିବିସି) ସେଲ୍ ଆନୁକୂଲ୍ୟରେ ଶକ୍ତି ସଂରକ୍ଷଣ ସମ୍ପର୍କିତ ଏକ କର୍ମଶାଳା ବୁଧବାର ଆୟୋଜିତ ହୋଇଯାଇଛି। ବିଏମ୍‌ସି ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଏ ଉପାଧକ୍ଷ ତଥା ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀଯନ୍ତ୍ରୀ ସୀତାରାମ ପଣ୍ଡା, ବିଡିଏ ସଚିବ ସମ୍ବିତ ରାଉତ, ସିଟି ଇଞ୍ଜିନିୟର କେଦାର ଚନ୍ଦ୍ର ଖଟୁଆ, ଶକ୍ତି ସଂରକ୍ଷଣ ବିଭାଗ ବ୍ରହ୍ମପୁର ଶାଖା ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ୟୁ.ଏସ୍.ଏସ୍. ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ୟବସାୟିକ ଭବନ କ୍ଷେତ୍ରରେ ଶକ୍ତି ଦକ୍ଷତାର ଉନ୍ନତି ନିମନ୍ତେ ଭାରତ ସରକାରଙ୍କ ଦ୍ୱାରା ଗଠନ କରାଯାଇଥିବା ଇସିବିସି କୋଡ୍-୨୦୧୭ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅଭିଜିତ୍ ଗୁପ୍ତା ଓ ସାଇବଲ ସାହ ବକ୍ତାଭାବେ ଯୋଗଦେଇ ବ୍ରହ୍ମପୁରରେ ଥିବା ବ୍ୟବସାୟିକ ଭବନଗୁଡିକରେ ଶକ୍ତି ସଂରକ୍ଷଣ କିପରି କରାଯାଇପାରିବ, ସେ ନେଇ ମତବ୍ୟକ୍ତ କରିଥିଲେ। ବର୍ତ୍ତମାନ ଦେଖାଦେଉଥିବା ପରିବେଶ ଅସନ୍ତୁଳନ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରୋକିବାକୁ ହେଲେ ଶକ୍ତି ସଂରକ୍ଷଣ ଆବଶ୍ୟକତା ଜରୁରୀ। ବର୍ତ୍ତମାନ ସହରାଞ୍ଚଳରେ ବୃଦ୍ଧି ପାଉଥିବା ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟବସାୟିକ ଭବନଗୁଡିକ ଶକ୍ତି ସଂରକ୍ଷଣ ଓ ଭବନଗୁଡିକରେ ତାପ ନିୟନ୍ତ୍ରଣ ଦିଗରେ ଯତ୍ନଶୀଳ ହେବାର ଆବଶ୍ୟକତା ରହିଥିବା ବକ୍ତାମାନେ କହିଥିଲେ। ଇସିବିସି ସେଲ୍ ଏନର୍ଜି ଆନାଲିଷ୍ଟ ଏନ. ଦିବ୍ୟଲକ୍ଷ୍ମୀ, ସିଭିଲ ଇଞ୍ଜିନିୟରିଂ ବିଭାଗ ଏନର୍ଜି କନ୍‌ସଲଣ୍ଟାଣ୍ଟ ଦୀପକ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ସହରର ବିଭିନ୍ନ ବିଲ୍‌ଡର, ବିଏମ୍‌ସି, ବିଡିଏ, ପୂର୍ତ୍ତବିଭାଗ, ସାଉଥ୍‌କୋ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଡିଆରଡିଏ ଇଞ୍ଜିନିୟର ପ୍ରମୁଖ ବିଭାଗୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ଆଇନ ପ୍ରଣୟନ ଦାବି




ଗଣଧାରଣାରେ ସାମିଲ ବିଭିନ୍ନ ସଂଗଠନର କର୍ମକର୍ତ୍ତା ।

**ଧନୀ, ଗରିବଙ୍କ ମଧ୍ୟରେ ଅର୍ଥନୈତିକ ଅସମାନତା ବୃଦ୍ଧି**

■ ପ୍ରତିବାଦରେ ସିଏସି , ରାଜ୍ୟ ଅସମାନତା ବିରୋଧୀ ସଂଗଠନର ଗଣଧାରଣା

**ବ୍ରହ୍ମପୁର ଅଫିସ,୨୨।୧**

ଭାରତୀୟ ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ପ୍ରଦାନ କରିଛି। ଜାତି, ଧର୍ମ ନିର୍ବିଶେଷରେ ସମସ୍ତେ ସମାନ ନେଇ ଭାରତୀୟ ସମ୍ବିଧାନରେ ଲିପିବଦ୍ଧ ରହିଛି। କିନ୍ତୁ ବାସ୍ତବରେ ଭାରତରେ ଅସାମାନତା ବୃଦ୍ଧି ପାଇବାରେ ଲାଗିଛି। ବିଶେଷ କରି ଧନୀ ଓ ଗରିବ ଶ୍ରେଣୀ ବ୍ୟକ୍ତିଙ୍କ ମଧ୍ୟରେ ରହିଥିବା ଏହି ଅସମାନତା ଚରମସୀମା ଲଙ୍ଘନ କରିବାକୁ ବସିଛି। ଏହାର ତୁରନ୍ତ ପ୍ରତିକାର ସହ ଧନୀ ଓ ଗରିବଙ୍କ ମଧ୍ୟରେ ବୃଦ୍ଧିପାଉଥିବା ଅର୍ଥନୈତିକ ଅସମାନତାକୁ ରୋକିବା ଦିଗରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ଦାବି ହୋଇଛି। ଏନେଇ ବ୍ରହ୍ମପୁର ସକ୍ରିୟ ନାଗରିକ ସଂଗଠନ(ସିଏସି) ଓ ରାଜ୍ୟ ଅସମାନତା ବିରୋଧୀ ସଂଗଠନ ପକ୍ଷରୁ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ବୁଧବାର ଗଣଧାରଣା ଦିଆଯାଇଥିଲା। ସାରା ବିଶ୍ୱର ମହିଳାମାନେ ଦିନକୁ କେବଳ ଶିଶୁମାନଙ୍କ ଯତ୍ନ ନେବାରେ ସମୟ ଦେଉଛନ୍ତି। ତାହା ପୁଣି ବିନା କୌଣସି ପାରିଶ୍ରମିକରେ। ଅଥଚ କର୍ପୋରେଟର ସେକ୍ଟରରେ କାର୍ଯ୍ୟରତ ଜଣେ ସିଇଓ କିନ୍ତୁ ମା’ ଠାରୁ ଖୁବ କମ କାର୍ଯ୍ୟ କରି ସେକେଣ୍ଡ ପିଛା ୧୦୬ ଟଙ୍କା ଅର୍ଜନ କରୁଛନ୍ତି। ଏଭଳି ପ୍ରଚଳିତ ଅର୍ଥନୈତିକ ବ୍ୟବସ୍ଥାରେ ଗରିବ ମହିଳା ଓ କନ୍ୟାମାନେ ବିଭିନ୍ନ ସମୟରେ ଧନିକ ଶ୍ରେଣୀର ମହିଳାଙ୍କ ଦ୍ୱାରା ଅର୍ଥନୈତିକ ଶୋଷଣର ଶିକାର ହେଉଥିବା ମଧ ଲକ୍ଷ୍ୟ କରାଯାଉଛି। ତେଣୁ ଧନୀ ଓ ଗରିବଙ୍କ ମଧ୍ୟରେ ସମାଜରେ ଅସମାନତା ବୃଦ୍ଧିକୁ ରୋକିବାର ଆବଶ୍ୟକତା ଜରୁରୀ ବୋଲି ବିକ୍ଷୋଭରେ ମତପ୍ରକାଶ ପାଇଥିଲା। ଏହାର ସମାଧାନ ଦିଗରେ ସରକାର କର୍ପୋରେଟ ଏବଂ ବିତ୍ତଶାଳୀଙ୍କୁ ଆବଶ୍ୟକ ଅଧିକ ଟିକସ ପ୍ରଦାନ ସହ ଜନସେବା ଓ ଜନଭିତ୍ତିଭୂମି ସୃଷ୍ଟି ପାଇଁ ନିବେଶ କରିବା ପାଇଁ ବାତାବରଣ ସୃଷ୍ଟି କରିବା ଆବଶ୍ୟକ। ବିକ୍ଷୋଭରେ କିଶୋର ଚନ୍ଦ୍ର ପାତ୍ର, ଗୁରୁଚରଣ ପାତ୍ର, ଭାଲ ଚନ୍ଦ୍ର ଷଡଙ୍ଗୀ, କ୍ରାନ୍ତିକାରୀ କୃଷକ ସଭା ରାଜ୍ୟ ସମ୍ପାଦକ ଶଙ୍କର ସାହୁ, ମାନବ ଅଧିକାର ସୁରକ୍ଷା ମଞ୍ଚର ଅବନୀ ଗୟାଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ।

# ନଗରସ୍ତରୀୟ ବାତଜ୍ୱର ସଚେତନତା କର୍ମଶାଳା

**ବ୍ରହ୍ମପୁର ଅଫିସ,୨୨।୧**

ଗଞ୍ଜାମ ଜିଲାକୁ ବାତଜ୍ୱର ମୁକ୍ତ କରିବା ନେଇ ଏକ ନଗରସ୍ତରୀୟ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈକୁଣ୍ଠନଗର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର(ୟୁପିଏଚସି) ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ଏଡିୟୁପିଏଚଓ ଡା. ଲଲାଟେନ୍ଦୁ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଏନ୍‌ଭିବିଡିସିର ଦୀପ୍ତିରଞ୍ଜନ ମହାପାତ୍ର ଓ ଆର୍ନ୍ତଜାତୀୟ ସଂସ୍ଥା ରାଜ୍ୟ ପ୍ରଭାରୀ ଶରତ ପାତ୍ର ଯୋଗଦେଇ ବାତଜ୍ୱରର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ବାତଜ୍ୱର ମୁକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଉପାଦେୟତା ଉପରେ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଥିଲା। ଫେବୃୟାରୀ ୧୦ରେ ଆୟୋଜିତ ବାତଜ୍ୱର ପ୍ରତିଶେଧକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହେବା ନେଇ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମହାନଗର ନିଗମ ଅଞ୍ଚଳରେ ଚିହ୍ନଟ କରାଯାଇଥିବା ୩୨୨୮୧୧ ଜଣଙ୍କୁ ଔଷଧ ଦିଆଯିବା ୧୦ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୮୨ ଔଷଧ ସେବନକାରୀ, ୨୮ ସୁପରଭାଇଜରଙ୍କୁ ନିଯୁକ୍ତ କରାଯାଇଛି। ୧୯୬ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ଧାର୍ଯ୍ୟ ହୋଇଥିବା ସୂଚାଯାଇଥିଲା। ଏହାବ୍ୟତୀତ ବସ୍ତିଗୁଡିକରେ ୧୭୦ ମହିଳା ଆରୋଗ୍ୟ ସମିତି ଓ ୮୨ ଆଶାକର୍ମୀଙ୍କ ସହଯୋଗରେ ଚିହ୍ନଟ ହିତାଧିକାରୀଙ୍କୁ ଔଷଧ ପ୍ରଦାନ କରାଯିବା ନେଇ ସୂଚନା ଦିଆଯାଇଥିଲା। କର୍ମଶାଳାକୁ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ(ଏନୟୁଏଚଏମ୍) ସିଟି ପ୍ରୋଗ୍ରାମ ମ୍ୟାନେଜର ଲମ୍ବୋଦର ଦିଗାଲ, ଜିଲା ଏନ୍‌ଭିବିଡିସିର ଅଧିକାରୀ ସୁଜିତ କୁମାର କାର୍ଜୀ ପ୍ରମୁଖ ପରିଚାଳନା କରିଥିଲେ।

**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
ସମ୍ପଦା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

**ଟେଣ୍ଡର ବିଜ୍ଞପ୍ତି**
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟ ତଥା ଆବାସିକ ପରିସରରେ **2020-23** ସମୟ ଅବଧି ମଧ୍ୟରେ ରକ୍ଷଣ-ବେକ୍ଷଣ/ ନବୀକରଣ କାର୍ଯ୍ୟଗୁଡ଼ିକ ପାଇଁ ସିଭିଲ ଏବଂ ବୈଦ୍ୟୁତୀୟ (ଇଲେକ୍ଟ୍ରିକାଲ୍) ଠିକାଦାର ମାନଙ୍କ **empanelment** କରିବା ପାଇଁ ଆବେଦନ ଆମନ୍ତ୍ରଣ କରୁଛି ।
ସମ୍ପଦା ବିଭାଗ (ଦ୍ୱିତୀୟ ମହଲା) ରେ 24 ଜାନୁୟାରୀ 2020 ଠାରୁ 13 ଫେବୃୟାରୀ 2020 ପର୍ଯ୍ୟନ୍ତ (କାର୍ଯ୍ୟାଳୟ ସମୟ ମଧ୍ୟରେ) ବିଭିନ୍ନ ଟେଣ୍ଡର, ଶ୍ରେଣୀ, ପୂର୍ବ ଯୋଗ୍ୟତା ମାନ୍ୟତା ମାନଦଣ୍ଡ, ଆବେଦନ ପତ୍ର ଆଦି ବିବରଣୀ ପ୍ରାପ୍ତ କରାଯାଇପାରିବ । ଅଧିକ ସୂଚନା ପାଇଁ ତଥା ଆବେଦନ ପତ୍ର ଡାଉନଲୋଡ କରିବାପାଇଁ ଦୟାକରି ବ୍ୟାଙ୍କ ୱେବ୍‌ସାଇଟ୍ **www.rbi.org.in** କୁ ଯାଆନ୍ତୁ ।
ଆବେଦନ ପତ୍ର ଜମା କରିବା ପାଇଁ ଅନ୍ତିମ ତାରିଖ 24 ଫେବୃୟାରୀ 2020 ଅଟେ ।
କ୍ଷେତ୍ରୀୟ ନିର୍ଦ୍ଦେଶକ

**ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ, ଏ/୩୨, ଖାରବେଳନଗର, ୟୁନିଟ୍- ୩ (ଶ୍ରୀୟା ଫିଲ୍ମ ହଲ୍ ନିକଟ), ଭୁବନେଶ୍ୱର - ୭୫୧୦୦୧
**କୋଟେସନ୍ ଆହ୍ୱାନ ନିମନ୍ତେ ବିଜ୍ଞପ୍ତି**
କମ୍ପ୍ରେହେନ୍‌ସିଭ୍ ପ୍ଲାନିଙ୍ଗ୍, ଡିଜାଇନିଙ୍ଗ୍ ଏବଂ ଫାୟାର ପ୍ରୋଟେକ୍ସନ୍ ବ୍ୟବସ୍ଥାର କାର୍ଯ୍ୟକାରୀ ନିମନ୍ତେ କନ୍‌ସଲ୍‌ଟାନ୍ସି ସେବା ପାଇଁ ଆବଶ୍ୟକୀୟ ଫର୍ମାଟରେ ଜଉ ମୁଦଦିଆ ଲଫାପାରେ କୋଟେସନ୍ ଆହ୍ୱାନ କରାଯାଉଛି।
ଟେଣ୍ଡର କାଗଜାତ୍ ଏବଂ ସବିଶେଷ ବିବରଣୀ ନିମନ୍ତେ ବ୍ୟାଙ୍କର ୱେବ୍‌ସାଇଟ୍ **www.unitedbankofindia.com** ଦେଖନ୍ତୁ। ଟେଣ୍ଡରଗୁଡିକ **ତା୧୫.୦୨.୨୦୨୦**ରିଖ ଅପରାହ୍ନ **୩.୦୦ଘଟିକା** ପର୍ଯ୍ୟନ୍ତ ଗ୍ରହଣ କରାଯିବ ଏବଂ ଏହା ପରେ ସେହି ଦିନ **ଅପରାହ୍ନ ୪.୦୦** ଘଟିକା ସମୟରେ ବିଡର/ପ୍ରତିନିଧିମାନଙ୍କ ଉପସ୍ଥିତିରେ ସେଗୁଡ଼ିକ ଖୋଲାଯିବ।
ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଟେଣ୍ଡର ପ୍ରକ୍ରିୟାରେ କୌଣସି ସମୟରେ ଯେକୌଣସି ଟେଣ୍ଡରକୁ କିମ୍ବା ସର୍ବନିମ୍ନ ଟେଣ୍ଡରକୁ ଗ୍ରହଣ କିମ୍ବା ଖାରଜ କିମ୍ବା ବିଡିଙ୍ଗ୍ ପ୍ରକ୍ରିୟାକୁ ବାତିଲ୍ କରିବାର ଅଖଣ୍ଡ କ୍ଷମତା ସଂରକ୍ଷିତ ରଖିଛନ୍ତି ।
ତାରିଖ: ୨୨.୦୧.୨୦୨୦ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ

# ପ୍ରମାଣ ଅଭାବରୁ ୨ ଅଭିଯୁକ୍ତ ନିର୍ଦ୍ଦୋଷ

**ଗୋଦାମରୁ ଗୁଟ୍‌ଖା ଜବତ ମାମଲା**

**ବ୍ରହ୍ମପୁର ଅଫିସ,୨୨।୧**

ଗଞ୍ଜାମ ଜିଲା ଅତିରିକ୍ତ ଜିଲା ଦୌରା ଜଜ୍ (ଏଡିଜେ)-୧ ପ୍ରସନ୍ନ କୁମାର ପଣ୍ଡା ବୁଧବାର ଏକ ଗୋଦାମରୁ ଗୁଟ୍‌ଖା ଜବତ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେମାନେ ହେଲେ ବଡବଜାର ଥାନା ଅନ୍ତର୍ଗତ ସୀତାରାମସାହିର ମିଙ୍କୁ ବେହେରା (୩୦) ଓ ମହେନ୍ଦ୍ର କୁମାର ସାହୁ(୩୨)। ପ୍ରକାଶଯେ, ୨୦୧୬ ମେ ୨୯ ସନ୍ଧ୍ୟାରେ ବଡବଜାର ପୋଲିସ ଗଣପତି ନଗରରେ ବେଆଇନ ଭାବେ ପ୍ରସ୍ତୁତ ହେଉଥିବା ଗୁଟ୍‌ଖା ଗୋଦାମରେ ଚଢାଉ କରିଥିଲା। ଉକ୍ତ ଗୋଦାମରୁ ପ୍ରାୟ ୫ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକାର ଗୁଟ୍‌ଖା ଜବତ କରିଥିଲା। ସେଠାରୁ ଉପରୋକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରି ମାମଲା ନମ୍ବର ୬୭/୧୬ ରେ କୋର୍ଟ ଚାଲାଣ କରିଥିଲା। ପରେ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପୁରୁଷୋତ୍ତମ ସ୍ୱାଇଁ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ବୁଧବାର ଏହି ମାମଲାର ବିଚାର ବେଳେ ୬ ଜଣ ସରକାରୀ ସାକ୍ଷୀ ଓ ୨ ଜଣ ସଫେଇ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ଏଡିଜେ-୧ ମିଙ୍କୁ ଓ ମହେନ୍ଦ୍ରଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଅନିଲ କୁମାର ସାହୁ ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସାଏଦ ଇକ୍‌ବାଲ ମକଦ୍ଦମା ପରିଚାଳନା କରିଥିଲେ।

**ସମ୍ବଲପୁରୀ ବସ୍ତ୍ରାଳୟ**
**ସରସ୍ୱତୀ ପୂଜା ଉପଲକ୍ଷେ ବିଶେଷ ରିହାତି**
**୧୦%+୨୦%**
**ତା.୨୧।୦୧।୨୦୨୦ ରୁ ତା.୩୦।୦୧।୨୦୨୦ ପର୍ଯ୍ୟନ୍ତ**
**ନୂତନ ବସ୍ତ୍ରର ସମ୍ଭାର**
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ, ସୁଟ୍ ସେଟ ଇତ୍ୟାଦି।
**ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ଓ ନିମ୍ନୋକ୍ତ ପ୍ରଦର୍ଶନୀମାନଙ୍କଠାରେ ଉପଲବ୍ଧ ଅଟେ ।**

| ସ୍ଥାନ | | ଅବଧି |
|---|---|---|
| ୧. ରେଢାଖୋଲ ପ୍ରଦର୍ଶନୀ, ଖଣ୍ଡାଢିପ ଛକ, ରେଢାଖୋଲ | – | ତା.୨୧।୦୧।୨୦୨୦ ରୁ ତା.୦୨।୦୨।୨୦୨୦ |
| ୨. ରାମପୁର ପ୍ରଦର୍ଶନୀ, ବସଷ୍ଟାଣ୍ଡ ପାଖ, ରାମପୁର | – | ତା.୨୧।୦୧।୨୦୨୦ ରୁ ତା.୦୨।୦୨।୨୦୨୦ |
| ୩. ଭୁକ୍ତା ପ୍ରଦର୍ଶନୀ, ସାପ୍ତାହିକ ବଜାର ପାଖ, ଭୁକ୍ତା | – | ତା.୨୧।୦୧।୨୦୨୦ ରୁ ତା.୦୨।୦୨।୨୦୨୦ |
| ୪. ସମ୍ବଲପୁର ପ୍ରଦର୍ଶନୀ, ନାରୀ ସେବାସଦନ, ସମ୍ବଲପୁର | – | ତା.୨୫।୦୧।୨୦୨୦ ରୁ ତା.୩୦।୦୧।୨୦୨୦ |


# ସିଟି ବସ୍ କଣ୍ଡକ୍ଟର କୋର୍ଟ ଚାଲାଣ

**ଦୃଷ୍ଟିହୀନଙ୍କୁ ଆକ୍ରମଣ**

**ବ୍ରହ୍ମପୁର ଅଫିସ,୨୨।୧**

ଜଣେ ଦୃଷ୍ଟିହୀନ ଯୁବକଙ୍କୁ ଗାଡିରୁ ଠେଲିଦେବା ଓ ପରେ ତାଙ୍କୁ ଉଠାଇ ଆଣି ବସ୍ ଭିତରେ ଆକ୍ରମଣ ଘଟଣାରେ ବୈଦ୍ୟନାଥପୁର ଥାନା ପୋଲିସ ଏକ ସିଟି ବସ୍ କଣ୍ଡକ୍ଟରଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ କବିସୂର୍ଯ୍ୟନଗରର ରଶ୍ମିରଞ୍ଜନ ମିଶ୍ର। ପୋଲିସ ମାମଲା ନମ୍ବର ୧୫/୨୦ ଅନୁସାରେ ରଶ୍ମିଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଏଥିରେ ସମ୍ପୃକ୍ତ ଥିବା ବସ୍‌ର ଅନ୍ୟ ଜଣେ କର୍ମଚାରୀ ଫେରାର ଥିବା ବେଳେ ତାଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୋଲିସ କହିଛି। ଘଟଣାରୁ ପ୍ରକାଶ, ପୋଲସରାର ପରୀକ୍ଷିତ ସାହୁ ଜଣେ ଦୃଷ୍ଟିହୀନ ଯୁବକ। ସେ କୌଣସି କାମରେ ବ୍ରହ୍ମପୁର ଆସିଥିଲେ। ମଙ୍ଗଳବାର ଛତ୍ରପୁରରୁ ବ୍ରହ୍ମପୁର ଆସୁଥିବା ଏକ ସିଟି ବସ୍ (ନଂ ଓଡ଼ି୦୭ ଡବ୍ଲ୍ୟୁ-୯୫୧୩)ରେ ପୁରୁଣା ବସ୍‌ଷ୍ଟାଣ୍ଡ ଯିବା ପାଇଁ ସେ ମେଡିକାଲ ଛକରେ ଚଢିଥିଲେ। କଣ୍ଡକ୍ଟର ରଶ୍ମିରଞ୍ଜନ ପରୀକ୍ଷିତଙ୍କୁ ଟିକେଟ ପାଇଁ ଟଙ୍କା ଦେବାକୁ କହିଥିଲେ। ହେଲେ ପରୀକ୍ଷିତ ଜଣେ ଦୃଷ୍ଟିହୀନ ହୋଇଥିବା କହିବା ସହ ସରକାରଙ୍କ ନିୟମ ଅନୁସାରେ ତାଙ୍କୁ ମାଗଣା ପରିବହନ ସେବା ଯୋଗାଇ ଦେବାକୁ ସେ କଣ୍ଡକ୍ଟରଙ୍କୁ କହିଥିଲେ। ଏହା ଶୁଣି କଣ୍ଡକ୍ଟର ଉତ୍‌କ୍ଷିପ୍ତ ହୋଇ ପରୀକ୍ଷିତଙ୍କୁ ପ୍ରଥମେ ବସ୍‌ରୁ ଜୋରଜବରଦସ୍ତି ଓହ୍ଲାଇ ଦେଇଥିଲେ। ପରୀକ୍ଷିତ ଏହାର ପ୍ରତିବାଦ କରିବାରୁ ତାଙ୍କୁ ରଶ୍ମିରଞ୍ଜନ ଓ ସିଟି ବସ୍‌ରେ ଥିବା ଅନ୍ୟ ଜଣେ କର୍ମଚାରୀ ଆକ୍ରମଣ କରିଥିଲେ। କଣ୍ଡକ୍ଟରଙ୍କ ଆକ୍ରମଣରେ ପରୀକ୍ଷିତ ଗୁରୁତର ହୋଇଯାଇଥିଲେ। ଶେଷରେ ସେ ଜଣେ ବାଇକ୍ ଚାଳକଙ୍କ ସହାୟତାରେ ବୈଦ୍ୟନାଥପୁର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା(SARB), କଟକ
ମଧୁପାଟଣା , କଟକ- ୭୫୩୦୧୦(ଓଡିଶା)
**ଦଖଲ ନୋଟିସ୍**
**(ସ୍ଥାବର ସମ୍ପତ୍ତି ନିମନ୍ତେ)**

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**
ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୩) ଏବଂ ଧାରା ୧୩(୧୨)ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତାମାନେ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଅଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ୍ ନଂ. | ଜାମିନ୍‌ଦାର/ ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ଅନ୍ନପୂର୍ଣ୍ଣା ଜୁଏଲର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରମୋଦ କୁମାର ମହାରଣା, ପିତା: ଅନନ୍ତ ଚରଣ ମହାରଣା, ସା: କାଞ୍ଚନ ବଜାର, ମସଜିଦ୍ ଗଳି, ପୋ/ଜିଲ୍ଲା: ଢେଙ୍କାନାଳ-୭୫୯୦୦୧, ଓଡ଼ିଶା । ଆକାଉଣ୍ଟ ନଂ.: ୩୦୨୭୨୪୦୮୯୫୮ | ସମ୍ପତ୍ତି ମାଲିକ: ଶ୍ରୀ ଅନନ୍ତ ଚରଣ ମହାରଣା, ପିତା: ହରି ମହାରଣା । | ଶ୍ରୀ ଅନନ୍ତ ଚରଣ ମହାରଣାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ଢେଙ୍କାନାଳ ଟାଉନ୍, ଖାତା ନଂ.: ୧୧୨୦, ପ୍ଲଟ ନଂ.: ୫୨୩୩, ଅନୁରୂପ ସାବିକ୍ ଖାତା ନଂ.: ୨୧୮୧, କ୍ଷେତ୍ର: ଏକର ୦.୦୨୮ ଡିସିମିଲ, କିସମ: ଘରବାଡ଼ି, ପ୍ଲଟ ନଂ.: ୫୨୩୪, ଅନୁରୂପ ସାବିକ୍ ଖାତା ନଂ.: ୨୪୭୯, କ୍ଷେତ୍ର: ଏକର ୦.୦୦୫ ଡିସିମିଲ, କିସମ: ଘରବାଡ଼ି । | ୦୩.୦୭.୨୦୧୮ | ୨୦.୦୧.୨୦୨୦ | ୨୭.୦୬.୨୦୧୮ ସୁଦ୍ଧା ଟ.୨୦,୦୨,୭୪୪/- ଏବଂ ତା.୨୮.୦୬.୨୦୧୮ ଠାରୁ ତତ୍‌ପରବର୍ତ୍ତୀ ସୁଧ |

ସ୍ଥାନ: କଟକ, ତାରିଖ: ୨୨.୦୧.୨୦୨୦ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ୨ ଆହତ

ତୁମୁଡ଼ିବନ୍ଧ,୨୨।୧(ଡି.ଏନ୍.ଏ.): ତୁମୁଡ଼ିବନ୍ଧ ପୂର୍ତ୍ତବିଭାଗ କାର୍ଯ୍ୟାଳୟ ନିକଟ ରାସ୍ତାରେ ବୁଧବାର ସନ୍ଧ୍ୟାରେ ଏକ ବାଇକ୍ ଭାରସାମ୍ୟ ହରାଇ ଗାଈ ସହ ଧକ୍କା ହେବାରୁ ୨ ଆରୋହୀ ଆହତ ହୋଇଛନ୍ତି। ସେମାନେ ହେଲେ ମୁଣ୍ଡିଗଡ ପଞ୍ଚାୟତ ଅଞ୍ଚଳର ଅର୍ଜୁନ ପାତ୍ର ଏବଂ କଳାହାଣ୍ଡି ଜିଲା ଉର୍ଲାଦନି ପଞ୍ଚାୟତ ରଙ୍ଗାପଦର ଗ୍ରାମର ଜୟସିଂ ଧାରୁଆ। ତୁମୁଡ଼ିବନ୍ଧ ପୋଲିସ୍ ଏବଂ ଅଗ୍ନିଶମବାହିନୀ ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅର୍ଜୁନଙ୍କ ଅବସ୍ଥା ଗୁରୁତ ଥିବାରୁ ଅଧିକ ଚିକିତ୍ସା ପାଇଁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି। ଦୁର୍ଘଟଣାସ୍ଥଳରୁ ବାଇକ୍ ନଂ.(ଓଡି ୦୮ଏଲ୍ ୧୩୬୭)କୁ ପୋଲିସ ଜବତ କରିଛି।

### ଶୋଭନୀୟ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ବୁଗୁଡ଼ା,୨୨।୧(ଡି.ଏନ.ଏ.)-ବୁଗୁଡ଼ା ଶୋଭନୀୟ ପବ୍ଲିକ ସ୍କୁଲର ଅଷ୍ଟମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ସମ୍ପାଦକ ୟୁ. ଅରବିନ୍ଦ ପାତ୍ର ଅଧ୍ୟକ୍ଷତା କରିଥିଲେ। ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି, ତହସିଲଦାର ସଂଗ୍ରାମ କେଶରୀ ଜେନା ମୁଖ୍ୟବକ୍ତା, ବିଡିଓ ତନ୍ମୟ ପାତ୍ର, ଥାନାଧିକାରୀ ଚିତ୍ତରଞ୍ଜନ ବେହେରା, ବିଇଓ ରସାନନ୍ଦ କର ଓ କଟକ ଶୋଭନୀୟ ଶିକ୍ଷାଶ୍ରମର ବନଲତା ଦେବୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଷ୍ଠାପର ଭାବେ ଅଧ୍ୟୟନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ୟୁ.ସନ୍ତୋଷୀ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଲିକନ କୁମାର ଦିଗଲ ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟକ୍ଷା ସୁକନ୍ୟା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ବ୍ଲକସ୍ତରୀୟ ପ୍ରତିଯୋଗିତା

ଶେରଗଡ,୨୨।୧(ଡି.ଏନ୍.ଏ.)- ଶେରଗଡ ବ୍ଲକସ୍ତରୀୟ ତର୍କ, ରଚନା, ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାମଲ ଓ ସିଆର୍‌ସିସି ରଘୁନାଥ ସାହୁଙ୍କ ସଂଯୋଜନାରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ଭାବେ ବିଷ୍ଣୁ ଚରଣ ମିଶ୍ର, ଦେବପ୍ରସାଦ ମହାପାତ୍ର ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ତର୍କରେ ସ୍ୱିଟି ତ୍ରିପାଠୀ, ରଚନାରେ ଲକ୍ଷ୍ମୀ ନାୟକ, ଚିତ୍ରାଙ୍କନରେ ଏ. ଆଦିତ୍ୟା ଆଚାରୀ, ସଙ୍ଗୀତରେ ସ୍ୱପ୍ନା ଗୌଡଙ୍କ ସମେତ ବିଭିନ୍ନ ବିଭାଗରୁ ପ୍ରାୟ ୧୬ଜଣ କୃତକାର୍ଯ୍ୟ ହୋଇଥିଲେ।

# ଆବାସିକ ବିଦ୍ୟାଳୟ ପରିଦର୍ଶନ ନିର୍ଦ୍ଦେଶ

ଫୁଲବାଣୀ ଅଫିସ, ୨୨।୧


ବୈଠକରେ ଉପସ୍ଥିତ ଜନପ୍ରତିନିଧିମାନଙ୍କ ସହ ଜିଲାପାଳ।

କନ୍ଧମାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଶେଷ କରି ଶିକ୍ଷା ଏବଂ ଜନ ପ୍ରତିନିଧିଙ୍କ କଥାକୁ ଗୁରୁତ୍ୱ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜନ ପ୍ରତିନିଧିମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରୁ ନ ଥିବା ଅଧିକାରୀଙ୍କ ବିରୋଧରେ ବୁକ୍ ସର୍କୁଲାର-୪୭ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଡା. ବୃନ୍ଦା ଡି. ସମସ୍ତଙ୍କୁ ଚେତାଇ ଦେଇଥିଲେ ।

ବୈଠକରେ ପ୍ରଥମେ ଜିଲାରେ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। କୁଇ ଭାଷା ଶିକ୍ଷକ ପଦବୀ ପାଇଁ କେହି ଆବେଦନ କରି ନ ଥିବା ଜିଲା ଶିକ୍ଷାଧିକାରୀ ପ୍ରକାଶ କରିଥିଲେ। ଏହାପରେ ଜିଲା ମଙ୍ଗଳ ବିଭାଗର ବିଭିନ୍ନ କାର୍ଯ୍ୟ ଉପରେ ଜିଲା ମଙ୍ଗଳ ଅଧିକାରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚରା ଯାଇଥିଲା। କୁଇ ଭାଷା ଶିକ୍ଷକ ପାଇଁ ୩ଟି ପଦବୀ ସୃଷ୍ଟି ହୋଇଛି। ଜିଲାରେ ଅନୁମୋଦିତ ୬୦ଟି ମ୍ୟାଟ୍ରନ ପଦବୀ ମଧ୍ୟରୁ ୨୪ ଜଣ ଯୋଗଦାନ କରିଛନ୍ତି। ଅପହଞ୍ଚ ଇଲାକାରେ ଦଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି କରାଯିବା

### ଜନ ପ୍ରତିନିଧିଙ୍କ କଥା ନ ମାନିଲେ କାର୍ଯ୍ୟାନୁଷ୍ଠାନ

ପାଇଁ ସ୍ଥିର ହୋଇଛି। କଳିଙ୍ଗା ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ଜଣେ ଉଚ୍ଚ ବିଦ୍ୟାଳୟ ଶିକ୍ଷକଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଛି ବୋଲି ସେ କହିଥିଲେ। ହେଲେ ଆବାସିକ ବିଦ୍ୟାଳୟଗୁଡ଼ିକରେ ଥିବା ଅବ୍ୟବସ୍ଥା ସମ୍ପର୍କରେ ପଚରାଯିବାରୁ ମଙ୍ଗଳ ଅଧିକାରୀ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ । ସେବାଶ୍ରମଗୁଡିକ ଅଚାନକ ପରିଦର୍ଶନ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଜିଲାରେ କାର୍ଯ୍ୟରତ ଏବିଇଓ ଏବଂ ସିଆର୍‌ସିମାନେ ନିୟମିତ ଭାବେ ସ୍କୁଲ୍ ପରିଦର୍ଶନ କରିବାକୁ ବିଧାୟକମାନେ ପରାମର୍ଶ ଦେଇଥିଲେ। ଶିକ୍ଷକ ଅନୁପସ୍ଥିତ ସମ୍ପର୍କରେ ଏବଂ ବେଆଇନ ଭାବେ ଅଧିକାଂଶ ବିଦ୍ୟାଳୟରେ ବିଭିନ୍ନ ଫି ଆଦାୟ କରାଯାଉଛି ବୋଲି ଜିଲା ପରିଷଦ ଅଧ୍ୟକ୍ଷା ଅଭିଯୋଗ କରିଥିଲେ। ବାଳିକା ବିଦ୍ୟାଳୟଗୁଡ଼ିକରେ ମହିଳା ପ୍ରଧାନଶିକ୍ଷକ ନିଯୁକ୍ତି ଲାଗି ଦାବି କରିଥିଲେ । ସେହିପରି ଉଦ୍ୟାନ କୃଷି ବିଭାଗ ଉପରେ ଆଲୋଚନା ହୋଇଥିଲା । ଚଳିତବର୍ଷ ୧୧୪୨ ହେକ୍ଟର ଜମିରେ ଖରିଫ ଚାଷ ଓ ୬୦୦ ହେକ୍ଟର ଜମିରେ ପନିପରିବା ଚାଷ କରାଯିବା ପାଇଁ ସ୍ଥିର କରାଯାଇଛି। ପରିବା ଚାଷ ପାଇଁ ୨୦୦ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ତାଲିମ ଦିଆଯାଇଥିବା ବେଳେ ମିଶନ ଶକ୍ତିର ୮୦ ଜଣଙ୍କୁ ଛତୁ ଚାଷ ପାଇଁ ତାଲିମ ପ୍ରଦାନ କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ସ୍ୱାସ୍ଥ୍ୟ ବିଭାଗୀୟ କାର୍ଯ୍ୟକ୍ରମ ଆଲୋଚନା ସମୟରେ ଆଗତ ବିଭିନ୍ନ ଅଭିଯୋଗ ଉପରେ ତଦନ୍ତ କରାଯାଇ ସତ୍ୟତା ପ୍ରମାଣିତ ହେଲେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଥିଲେ। ସେହିପରି ଜିଲାରେ ମାଛ ଚାଷ ଓ ମାଛ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କିତ ପ୍ରଚାରପତ୍ର ବ୍ଲକ ଜରିଆରେ ପ୍ରସ୍ତୁତ କରି, ପଞ୍ଚାୟତ ବୈଠକରେ ଜନସାଧାରଣଙ୍କୁ ବିତରଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗତବର୍ଷ ୧୦୦ ଦିନର କାର୍ଯ୍ୟ ପୂରଣ କରିଥିବା ଶ୍ରମିକଙ୍କୁ ଆଗାମୀ ପଞ୍ଚାୟତିରାଜ ଦିବସରେ ସମ୍ବର୍ଦ୍ଧିତ କରାଯିବ ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ ସୂଚନା ଦେଇଥିଲେ। ବୈଠକରେ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, ଜିଲା ପରିଷଦ ଉପାଧ୍ୟକ୍ଷା ସାରତୀ ମଲ୍ଲିକଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

# ସୋସାଇଟି କର୍ମଚାରୀଙ୍କୁ ଆକ୍ରମଣ

ଭଞ୍ଜନଗର,୨୨।୧(ଡି.ଏନ.ଏ)

### ମଣ୍ଡିରେ ଚାଷୀଙ୍କ ନାମ ନାହିଁ, ବଢୁଛି ଅସନ୍ତୋଷ

ସଚେତନତା ଅଭାବ ଯୋଗୁ ଭଞ୍ଜନଗର ବ୍ଲକର ଅନେକ ଚାଷୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରି ନ ଥିଲେ। ବର୍ତ୍ତମାନ ମଣ୍ଡିରେ ଧାନ ବିକ୍ରି ଚାଲିଥିବାବେଳେ ଯେଉଁମାନଙ୍କ ନାମ ଅଛି ସେମାନେ ହିଁ ମଣ୍ଡିରେ ଧାନ ବିକ୍ରି କରିପାରୁଛନ୍ତି। ଯେଉଁମାନଙ୍କ ନାମ ନାହିଁ ସେମାନେ ମଣ୍ଡିରେ ଧାନ ବିକ୍ରି କରିପାରୁନାହାନ୍ତି। ଯାହାକୁ ନେଇ ଅନେକ ଯୋଗ୍ୟ ଚାଷୀ ବର୍ତ୍ତମାନ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏହିଭଳି ବିବାଦୀୟ ପରିସ୍ଥିତିରେ ସୋସାଇଟି କର୍ମଚାରୀମାନେ ଚାଷୀଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଭଞ୍ଜନଗର ବ୍ଲକର ଏକ ସେବା ସମବାୟ ସମିତି (ସୋସାଇଟି) ଅଧୀନରେ ଥିବା କିଛି ଚାଷୀଙ୍କ ନାମ ମଣ୍ଡି ତାଲିକାରେ ନାହିଁ। ଯାହାକୁ ନେଇ ଜଣେ ଚାଷୀ ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ଜଣେ ସୋସାଇଟି କର୍ମଚାରୀଙ୍କ ସହ ଯୁକ୍ତିତର୍କ କରିଥିଲେ। ଏହାପରେ ଚାଷୀ ଜଣଙ୍କ ସୋସାଇଟି କର୍ମଚାରୀଙ୍କୁ ମାଡ଼ ମଧ ମାରିଥିଲେ। ବୁଧବାର କର୍ମଚାରୀ ଜଣଙ୍କ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ବିବାଦ ବଢ଼ିବା ଆଶଙ୍କାରେ ଗ୍ରାମର କିଛି ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଥାନାରେ ମାମଲାର ସମାଧାନ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଚଳିତବର୍ଷ ଯେଉଁମାନଙ୍କ ନାମ ପଞ୍ଜୀକରଣ ହୋଇଛି ସେମାନଙ୍କ ନାମରେ ହିଁ ଟୋକେନ ଆସିଲେ ମଣ୍ଡିରେ ଧାନ ବିକ୍ରି କରିବା ବ୍ୟବସ୍ଥା କରାଯାଇଛି। ମଣ୍ଡିରେ ଧାନ ବିକ୍ରି ଆରମ୍ଭ ହେବାର ଇତିମଧ୍ୟରେ ମାସେରୁ ଉର୍ଦ୍ଧ୍ୱ ଦିନ ବିତିଗଲାଣି ଭଞ୍ଜନଗର ବ୍ଲକରେ। କିନ୍ତୁ ଅନେକ ଚାଷୀଙ୍କ ଟୋକେନ ଆସିବାକୁ ନାହିଁ। ଯାହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି।

# ଆର୍‌ଏସ୍‌ଏସ୍‌ର ନଗର ଏକତ୍ରୀକରଣ କାର୍ଯ୍ୟକ୍ରମ


ଉପସ୍ଥିତ ସ୍ୱୟଂ ସେବକ ସଂଘ ସଦସ୍ୟ।

ସୋରଡ଼ା,୨୨।୧(ଡି.ଏନ.ଏ.)

ଆର୍‌ଏସ୍‌ଏସ୍‌ର ନଗର ଏକତ୍ରିକରଣ କାର୍ଯ୍ୟକ୍ରମ ପ୍ରଭାତ ଶାଖା ତରଫରୁ ଶିଶୁ ମନ୍ଦିର ଖେଳ ପଡ଼ିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘର ଶିଶିର କୁମାର ଦାଶ, ଅରୁଣ କୁମାର ନାଏକଙ୍କ ସମେତ ବହୁ ସ୍ୱୟଂ ସେବକ ଯୋଗଦେଇ ଶାରିରୀକ ବ୍ୟାୟାମ, ଧ୍ୱଜା ପ୍ରଣାମ, ମାତୃବନ୍ଦନା କରିଥିଲେ। ସୋରଡ଼ା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିସ୍ତାରିତ ଭାବଧାରା, ସାମାଜିକ ସେବା, ସଂସ୍କୃତି, ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ଭଗବାନ ପଣ୍ଡା, ଗୋବିନ୍ଦ ପାଢ଼ୀ, ସନ୍ତୋଷ ପାଣିଗ୍ରାହୀଙ୍କ ସମେତ ବହୁ ରାଷ୍ଟ୍ରପ୍ରେମୀ ଯୋଗ ଦେଇଥିଲେ।

# ଆଗ୍ରହ ନାହିଁ, ଶିବିରରେ ଅବ୍ୟବସ୍ଥା ଅଭିଯୋଗ


ଶିବିରରେ ଉପସ୍ଥିତ ମହିଳା ସରପଞ୍ଚମାନେ।

ଭଞ୍ଜନଗର,୨୨।୧(ଡି.ଏନ.ଏ)

### ମହିଳା ସରପଞ୍ଚ ତାଲିମ ଶିବିର

ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଭଞ୍ଜନଗର ଉପଖଣ୍ଡ ଅଧୀନ ୫ଟି ବ୍ଲକର ମହିଳା ସରପଞ୍ଚମାନଙ୍କୁ ନେଇ ଏକ ୩ ଦିନିଆ ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମହିଳା ସରପଞ୍ଚମାନଙ୍କ ଦକ୍ଷତା ବୃଦ୍ଧିନେଇ ଏହି ଶିବିର ଆୟୋଜନ ହୋଇଛି। ଭଞ୍ଜନଗର, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ, ସୋରଡ଼ା ବ୍ଲକର ସରପଞ୍ଚମାନେ ଯୋଗଦେଇ ତାଲିମ ନେଇଥିଲେ। ବୁଗୁଡ଼ା ବ୍ଲକର ସରପଞ୍ଚମାନେ ଆସିନାହାନ୍ତି। ତାଲିମ ପ୍ରତି ସରପଞ୍ଚମାନଙ୍କ ସେଭଳି ଆଗ୍ରହ ମଧ୍ୟ ନାହିଁ। ତେଣୁ ଶିବିରରେ ଉପସ୍ଥାନ ଉତ୍ସାହଜନକ ହୋଇପାରିନାହିଁ। ବୁଗୁଡ଼ା ବ୍ଲକର ଜଣେ ମଧ୍ୟ ସରପଞ୍ଚ ଶିବିରରେ ଯୋଗ ଦେଇନାହାନ୍ତି। ଶିବିରସ୍ଥଳ ଦୂର ଦର୍ଶାଇ ସମ୍ପୃକ୍ତ ବ୍ଲକର ସରପଞ୍ଚମାନେ ଆସିନଥିବା କୁହାଯାଉଛି। ଅନ୍ୟପଟେ ଶିବିରରେ ଅନେକ ଅବ୍ୟବସ୍ଥା ଦର୍ଶାଇ କେତେଜଣ ସରପଞ୍ଚଙ୍କ ପ୍ରତିନିଧି ବାହାରେ ହୋହଲ୍ଲା କରିଥିଲେ। ଦାୟିତ୍ୱରେ ଥିବା କର୍ମଚାରୀମାନେ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। କିନ୍ତୁ ତାଲିମ ଶିବିରରେ କୌଣସି ବାଧା ଉପୁଜିନାହିଁ। ଶ୍ରୀକାନ୍ତ ଶତପଥୀ ଓ ଅଳକା ଦାସ ସାଧନକର୍ମୀ ଭାବେ ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି। ମହିଳା ସରପଞ୍ଚମାନେ ହେଉଛନ୍ତି ଗ୍ରାମାଞ୍ଚଳ ବିକାଶର ପ୍ରମୁଖ ପ୍ରତିନିଧି। ସେମାନଙ୍କୁ ସରକାରଙ୍କ ଯୋଜନା ଏବଂ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନତା କରାଗଲେ ଗ୍ରାମାଞ୍ଚଳରେ ବିକାଶ ହୋଇପାରିବ। ତେଣୁ ଏହି ଶିବିର ହେଉଛି। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଲିପିକା କର୍ମଚାରୀ ସହଯୋଗ କରୁଛନ୍ତି।

### ତ୍ରିନାଥ ମନ୍ଦିର ବାର୍ଷିକୋତ୍ସବ

କୋଦଳା,୨୨।୧(ଡି.ଏନ.ଏ.)

କୋଦଳା ଥାନା ପରିସରସ୍ଥ ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଦେବାଶିଷ ମହାନ୍ତିଙ୍କ ପୌରୋହିତ୍ୟରେ ଏହି ଉତ୍ସବରେ ଏସ୍‌ଆଇ ଅନିଲ କୁମାର ସାହୁ କର୍ତ୍ତା କାର୍ଯ୍ୟ ସମାପନ କରିଥିଲେ। ଏଏସ୍‌ଆଇ ମହେଶ୍ୱର ବେହେରା, ରାଇଟର କେ. ପି. ରେଡ୍ଡୀ ଉପସ୍ଥିତ ଥିଲେ।

# ୨ଥର ଉଦ୍‌ଘାଟନ ହେଲା ଗୋଟିଏ କୋଠଘର

ପାଟପୁର,୨୨।୧


ସରପଞ୍ଚ ପ୍ରତିନିଧିଙ୍କ ଉଦ୍‌ଘାଟନ।


ବିଧାୟକ କୋଠଘର ଉଦ୍‌ଘାଟନ କରୁଛନ୍ତି।

ସାନଖେମୁଣ୍ଡି ବ୍ଲକ ପୋଡାମାରି ପଞ୍ଚାୟତରେ ବୁଧବାର ଏକ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ପଞ୍ଚାୟତ ବାଲିସାହି ଗ୍ରାମରେ ଆମ ଗାଁ ଆମ ବିକାଶ ଅନୁଦାନରେ ନିର୍ମିତ ଗ୍ରାମ୍ୟ କୋଠଘରକୁ ବିଧାୟକ ରମେଶ ଚନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। ତେବେ ବିଧାୟକ ଉଦ୍‌ଘାଟନ କରିବା ପୂର୍ବରୁ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ତଥା ବ୍ଲକ ଯୁବ ବିଜେଡ଼ି ସଭାପତି ସନ୍ତୋଷ ବିଷୋୟୀ ନିଜର କିଛି ସମର୍ଥକଙ୍କ ଗହଣରେ ଆସି ଉଦ୍‌ଘାଟନ ସହ ଗୃହ ପ୍ରବେଶ କରିଥିବା ସୂଚନା ଦେଇଥିଲେ।

# କନ୍ଧମାଳ ମହୋତ୍ସବ ଲାଗି ପିଠା ପ୍ରତିଯୋଗିତା

ଫୁଲବାଣୀ ଅଫିସ, ୨୨।୧: ଫୁଲବାଣୀ କରୋନେଶନ ପଡ଼ିଆରେ ଆସନ୍ତା ୨ ତାରିଖରେ କନ୍ଧମାଳ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ବୁଧବାର ଗାନ୍ଧୀସ୍ମୃତି ଭବନ ପରିସରରେ ପିଠା ପ୍ରତିଯୋଗିତା ହୋଇଯାଇଛି। ଚଳିତଥର ପୋଡ଼ ଏବଂ କାକରା ପିଠା ଉପରେ ପ୍ରତିଯୋଗିତା ହୋଇଥିଲା। ସହରର ବହୁ ମହିଳା, ଯୁବତୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପିଠାକୁ ବିଚାରକମାନେ ଦେଖିବା ସହ ସ୍ୱାଦ ପରଖିଥିଲେ। ଭଲ ପୀଠା ପ୍ରସ୍ତୁତି ପାଇଁ ଫୁଲବାଣୀ ସରକାରୀ ମହାବିଦ୍ୟାଳୟ କଲୋନୀର ଶୁଭଶ୍ରୀ ସାମନ୍ତରାୟ ପ୍ରଥମ, ମାଷ୍ଟରପଡାର ମାଧୁରୀ କହଁର ଦ୍ୱିତୀୟ ଏବଂ କେନ୍ଦୁପଦରର ନିବେଦିତା ସାହାଣୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ପାଇବା ପାଇଁ ବିବେଚିତ ହୋଇଥିଲେ। ଫୁଲବାଣୀ ଉପ ଜିଲାପାଳ ସୁରେଶ ପ୍ରଧାନ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ମନୋଜ କୁମାର ଦାସ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ।


ପ୍ରତିଯୋଗୀ ଓ ବିଚାରକମାନେ।

# ମୃତ୍ୟୁ ରହସ୍ୟ ଉନ୍ମୋଚନ ହୋଇପାରୁନାହିଁ

ଭଞ୍ଜନଗର,୨୨।୧(ଡି.ଏନ.ଏ.)

### ମୃତଦେହ ଉଦ୍ଧାର ଘଟଣା

ତାରସିଂ ଥାନା ବାରଦଣ୍ଡାର ଅଶୋକ ନାଇକ ମୃତ୍ୟୁର ରହସ୍ୟ ପୋଲିସ ବୁଧବାର ସୁଦ୍ଧା ଖୋଜି ପାଇପାରିନାହିଁ। ଖୋଳତାଡ଼ ଚଳାଇଥିଲେ ମଧ୍ୟ ପୋଲିସ ଗଣମାଧ୍ୟମ ସମ୍ମୁଖରେ ବିଶେଷ କିଛି କହୁନାହିଁ। ପ୍ରକାଶ ଯେ, ସୋମବାର ଅପରାହ୍ନରେ ଅଶୋକ ଓ ତାଙ୍କର ଜଣେ ବନ୍ଧୁ ବାଇକ୍ ଯୋଗେ କାଠଚିରା ଯିବାକୁ ବାହାରିଥିଲେ। ବାଟରେ ବାଇକ୍ ଦୁଇଟି ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ ମଧ ସେମାନେ ଆହତ ହୋଇ ନ ଥିଲେ। ପରେ ଅପରାହ୍ନ ୫ଟାରେ ଢ଼ୋଲପିଟା ନାଳ ନିକଟରେ ଅଶୋକଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା ପୋଲିସ ଦେଖିଥିଲା। ହେଲେ ସାଥିରେ ଥିବା ବାଇକ୍ ଚାଳକ ସୁରକ୍ଷିତ ଅଛନ୍ତି। ପ୍ରଥମେ ଅଶୋକଙ୍କ ପରିଚୟ ମିଳି ନ ଥିବା ଯୋଗୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ଭାବି ପୋଲିସ ନିଜ ଆଡୁ ହତ୍ୟା ମାମଲା ରୁଜୁ କରିଥିଲା। ପରେ ତଦନ୍ତରୁ ହତ୍ୟା ସମ୍ପର୍କରେ ପୋଲିସ ବିଶେଷ ସୂଚନା ପାଇପାରୁନାହିଁ। ବର୍ତ୍ତମାନ ଉକ୍ତ ହତ୍ୟାକାଣ୍ଡ ମାମଲାକୁ ନେଇ ପୋଲିସ ଦ୍ୱନ୍ଦ୍ୱରେ ପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୋଲିସ ମୃତ୍ୟୁର ରହସ୍ୟ ଉନ୍ମୋଚନ କରିବାରେ ସକ୍ଷମ ହେବ। ଅପରପକ୍ଷେ ପୋଲିସ ଏହି ମାମଲାରେ ଜଣଙ୍କୁ ନେଇ ପଚରାଉଚରା କରୁଛି।

# ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଶଙ୍କରାଖୋଲ,୨୨।୧(ଡି.ଏନ୍.ଏ.)



କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଚକାପାଦ ବ୍ଲକ ଶଙ୍କରାଖୋଲଠାରେ ଥିବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୨୪ତମ ବାର୍ଷିକ କ୍ରୀଡ଼ା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭଞ୍ଜନ କହଁର, ସମ୍ମାନୀତ ଅତିଥି ଭାବେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ସାହାଣୀ, ସରପଞ୍ଚ ଚିତ୍ର କହଁର, ସମିତି ସଭ୍ୟ ବିଷ୍ଣୁ ଚରଣ ଦିଗାଳ, ଏସ୍‌ଆଇ ଦଶରଥ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚକାପାଦ ବିଡ଼ିଓ ଅନିଲ କୁମାର ପଟ୍ଟନାୟକ, ପୂର୍ବତନ ଶାଖା ପରିଚାଳକ ଅନିରୁଦ୍ଧ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବାର୍ଷିକ କ୍ରୀଡାରେ ଛାତ୍ରୀ ଭାରତୀ କହଁର ଓ ଛାତ୍ର ତୋଫାନ ବିଷୋୟୀ ଚାମ୍ପିୟନ ହୋଇଥିଲେ। ବାର୍ଷିକ କ୍ରୀଡାକୁ ଖେଳ ଶିକ୍ଷକ ଏମ. ବାଲକୃଷ୍ଣ ଦୋରା, ସୁଶାନ୍ତ କୁମାର ଭୋଳ ପରିଚାଳନା କରିଥିଲେ।

# ଅଧ୍ୟକ୍ଷ ଓ ଅଧ୍ୟାପକ ପଦବୀ ଖାଲି

ଶେରଗଡ,୨୨।୧(ଡି.ଏନ୍.ଏ.)

### ଶେରଗଡ ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

### ଶିକ୍ଷାଦାନ ବାଧାପ୍ରାପ୍ତ




ଶେରଗଡସ୍ଥିତ ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟରେ ୮୧୦ ଛାତ୍ରୀଛାତ୍ର ପଢୁଛନ୍ତି। ଯୁକ୍ତ ୨ କଳାରେ ୨୫୬ ସିଟ୍ ଥିବାବେଳେ ଚଳିତ ବର୍ଷ ସମସ୍ତ ସିଟ୍ ପୂରଣ ହୋଇଛି, ବିଜ୍ଞାନରେ ୧୨୮ ସିଟ୍ ଥିବାବେଳେ ନାମ ଲେଖାଇଛନ୍ତି ମାତ୍ର ୬୦ ଜଣ। ସେହିପରି ବାଣିଜ୍ୟରେ ୧୨୮ ସିଟ୍ ଥିବାବେଳେ ନାମ ଲେଖାଇଛନ୍ତି ମାତ୍ର ୫୩ ଜଣ। ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ ଅଧାରୁ ଅଧିକ ସିଟ୍ ଖାଲି ପଡୁଛି। ଏହାର କାରଣ ବିଜ୍ଞାନ ଓ ବାଣିଜ୍ୟ ଯୁକ୍ତ ୨ରେ ଆସିକା ଓ ହିଞ୍ଜିଳିକାଟୁ କଲେଜରେ ନାମ ଲେଖାଇବାକୁ ଅଭିଭାବକମାନେ ପସନ୍ଦ କରୁଛନ୍ତି। ଗତ କିଛିବର୍ଷ ହେଲା କଲେଜର ଅଧ୍ୟକ୍ଷ ଓ ଅଧ୍ୟାପକ ମରୁଡି ଏହାର ମୁଖ୍ୟ କାରଣ।

ଗତ ଜୁନ୍‌ରୁ କଲେଜର ଅଧ୍ୟକ୍ଷ ପଦବୀ ଖାଲି ପଡିଛି। ଜଣେ ବରିଷ୍ଠ ଇଂଲିଶ ଅଧ୍ୟାପକଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସେହିପରି ଗଣିତ, ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର, ଓଡିଆ ଅଧ୍ୟାପକ ପଦବୀ ବହୁଦିନ ହେଲା ଖାଲି ପଡିଥିବାବେଳେ କାମ ଚଳାରେ ପାଠ ପଢାଯାଉଛି। ବହୁବାର ଦାବିପରେ ମଧ ଏହି ପଦବୀ ଖାଲିଥିବା କଥା ଶିକ୍ଷା ବିଭାଗର ଉପରିସ୍ଥ ଅଧିକାରୀ ଜାଣି ମଧ ଅଜଣା। ଫଳରେ ଅଭିଭାବକଙ୍କ ମଧରେ ଅସନ୍ତୋଷ ଦାନା ବାନ୍ଧୁଛି। ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶେରଗଡ ରାଜା ସାହେବ ଉଦୟ ପ୍ରତାପ ସିଂଦେଓଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ସ୍ଥାପିତ ହୋଇଥିଲା। ନିକଟସ୍ଥ ୭୦ ଖଣ୍ଡ ଗ୍ରାମର ବହୁ ଛାତ୍ରୀଛାତ୍ର ଏଠାରେ ପଢିଥାନ୍ତି। ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି କଲେଜରେ ତୁରନ୍ତ ଅଧ୍ୟକ୍ଷ ଓ ଅଧ୍ୟାପକ ନିଯୁକ୍ତି ପାଇଁ ଦାବି ହେଉଛି।

କଲେଜରେ ସାଇକେଲ ଷ୍ଟାଣ୍ଡ ନାହିଁ। ବିଶ୍ରାମାଗାର ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ର ରାସ୍ତାରେ ଛିଡା ହୋଇ ବସ୍‌କୁ ଅପେକ୍ଷା କରୁଛନ୍ତି। ଏନେଇ ଅଞ୍ଚଳର ବିଧାୟକ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୃଷ୍ଟି ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

ଏ ସମ୍ପର୍କରେ ବର୍ତ୍ତମାନର ଭାରପ୍ରାପ୍ତ ଅଧ୍ୟକ୍ଷ ଉପେନ୍ଦ୍ର ବାଡତ୍ୟା କୁହନ୍ତି, ମୁଁ କିଛିଦିନ ହେଲା କଲେଜର ଅଧ୍ୟକ୍ଷ ଦାୟିତ୍ୱ ନେଇଛି। କଲେଜ ପରିସରରେ ଶୈକ୍ଷିକ ବାତାବରଣ ସୃଷ୍ଟି ଲକ୍ଷ୍ୟ ରଖାଯାଇଛି। ଖାଲିଥିବା ପଦବୀ ପୂରଣ କରାଗଲେ ଛାତ୍ରୀଛାତ୍ର ଉପକୃତ ହୁଅନ୍ତେ। ଆମେ କଲେଜ ପକ୍ଷରୁ କେତେଜଣ ଅଧ୍ୟାପକଙ୍କୁ ଅଳ୍ପ କିଛି ପାରିଶ୍ରମିକ ଦେଇ ରଖିଛୁ। ଏଣୁ ଏଦିଗରେ ଶିକ୍ଷା ବିଭାଗ ଦୃଷ୍ଟି ଦେଲେ ଭଲ ହୁଅନ୍ତା।

# ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଉନାହାନ୍ତି ଗର୍ଭବତୀ

**ଛତ୍ରପୁର,୨୨।୧(ଡି.ଏନ.ଏ)**

ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା ପାଇଁ ଗୁରୁତ୍ୱ ଦିଆଯାଉଛି। ଜଣେ ଗର୍ଭବତୀ ହେବାଠାରୁ ସନ୍ତାନ ପ୍ରସବ ପର୍ଯ୍ୟନ୍ତ ୪ଥର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଜରୁରୀ। ସ୍ଥାନୀୟ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ମେଡିକାଲ ଅଫିସରଙ୍କର ଏଥିପ୍ରତି ଦାୟିତ୍ୱ ରହିଛି। ମାତ୍ର ଏହାର ଠିକ୍ ଭାବେ ମନିଟରିଂ ହେଉ ନ ଥିବାରୁ ଗଞ୍ଜାମ ଜିଲାର ୧୫,୨୫୦ ଗର୍ଭବତୀଙ୍କ ୪ ଥର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନାହାନ୍ତି। ବୁଧବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲା ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି।

ବୈଠକରୁ ଜଣାଯାଇଛି ଯେ, ଜିଲାର ୪୪,୪୦୯ ଗର୍ଭବତୀଙ୍କ ମଧ୍ୟରୁ ୨୯,୧୫୯ ଜଣଙ୍କ ୪ ଥର ସ୍ୱାସ୍ଥ୍ୟ ପରୀକ୍ଷା ହୋଇଛି। ସେହିପରି ମାତ୍ର ୨୭,୪୬୪ ଗର୍ଭବତୀଙ୍କ ହିମୋଗ୍ଲୋବିନ୍ ପରୀକ୍ଷା କରାଯାଇଛି। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୮,୩୨୬ ପ୍ରସବ ହୋଇଛି। ଯାହାକି ଟାର୍ଗେଟ ତୁଳନାରେ ୬୬ ପ୍ରତିଶତ ରହିଛି। ୫୨୯ ଜଣଙ୍କ ପ୍ରସବ ଘରେ ହୋଇଛି। ଖଲ୍ଲିକୋଟ, ଦିଗପହଣ୍ଡି, ଜଗନ୍ନାଥପ୍ରସାଦ ଓ କୁକୁଡାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସବ ସଂଖ୍ୟା କମ୍ ରହିଛି। ଗଞ୍ଜାମ, ପୁରୁଷୋତ୍ତମପୁର, ଛତ୍ରପୁର, ସୋରଡ଼ା, ବେଗୁନିଆପଡ଼ା ଓ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭବତୀ ପଞ୍ଜୀକରଣ କମ୍ ରହୁଛି। ଏ ସବୁକୁ ନେଇ ଜିଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ। ନିୟମିତ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଗଲେ ଯାଇ ଯଦି କିଛି ଅସୁବିଧା ଥାଏ ତାର ନିରାକରଣ କରାଯାଇପାରିବ ବୋଲି କହିଥିଲେ। ସେହିପରି ଜିଲାରେ କମ୍ ଓଜନର ୬,୩୨୭ ଶିଶୁ ଜନ୍ମ ନେଇଛନ୍ତି। ଜଗନ୍ନାଥପ୍ରସାଦ, ବ୍ରହ୍ମପୁର ସହରାଞ୍ଚଳ, ଭଞ୍ଜନଗର ଅଞ୍ଚଳରେ କମ୍ ଓଜନର ଶିଶୁ ଅଧିକ ଜନ୍ମ ନେଇଥିବା ସମୀକ୍ଷାରୁ ଜଣାପଡିଛି। ଶିଶୁମାନଙ୍କୁ ସମସ୍ତ ଟିକା ଦେବା ନେଇ ଲକ୍ଷ୍ୟ ତୁଳନାରେ ୭୪ ପ୍ରତିଶତ ପୂରଣ ହୋଇସାରିଛି। ପ୍ରତି ହସ୍ପିଟାଲରେ ନବଜାତ କନ୍ୟାଙ୍କ ମା'ଙ୍କୁ ପ୍ରମାଣପତ୍ର ଓ କିଟ୍ ଦେଇ ସମ୍ବର୍ଦ୍ଧିତ କରିବାକୁ ଜିଲାପାଳ କହିଥିଲେ। ଖଲ୍ଲିକୋଟ, ବ୍ରହ୍ମପୁର, ବେଲଗୁଣ୍ଠାରେ ପୁଅ ତୁଳନାରେ ଝିଅ ପ୍ରତିଶତ କମ୍ ରହିଛି। ପ୍ରତି ଗାଁର ରିପୋର୍ଟ ପ୍ରସ୍ତୁତ କରି ସୁଧାର ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୧୯ରେ ୩,୩୯୦ ଜଣଙ୍କ ଠାରେ ମ୍ୟାଲେରିଆ ଓ ୩୦୭ ଜଣଙ୍କ ଠାରେ ଡେଙ୍ଗୁ ପଜିଟିଭ୍ ମିଳିଥିଲା। ୩,୫୩,୩୨୩ ସ୍ୱତନ୍ତ୍ର ମଶାରି ଆସିଛି। ଏହାର ବଣ୍ଟନ କିଭଳି ଠିକ୍ ଭାବେ ହେବ ସେ ନେଇ ପ୍ଲାନ୍ ପ୍ରସ୍ତୁତ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ, ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ରେଡ୍ଡୀ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅବନୀ କୁମାର ପାତ୍ର, ଛତ୍ରପୁର ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. କାହ୍ନୁ ଚରଣ ପାତ୍ର, ଡିଏସପି ଅଜୟ କୁମାର ମିଶ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ସ୍ମିତା ଖାଡଙ୍ଗାଙ୍କ ସମେତ ମେଡିକାଲ ଅଫିସର, ସିଡିପିଓମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

**ଜିଲା ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ**

- ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କମୁଛି
- ୬୩୨୭ କମ୍ ଓଜନର ଶିଶୁଙ୍କ ଜନ୍ମ

# ଅପରିଚିତ ଶିଶୁପୁତ୍ରଙ୍କୁ ରଖିବା ନେଇ ଥାନାରେ ଅଭିଯୋଗ

**ଗୋପାଳପୁର,୨୨।୧**

ଆୟୁର୍ବେଦିକ କ୍ଲିନିକ୍ କରିଥିବା ଜଣେ ଡାକ୍ତର ଏକ ଅପରିଚିତ ଶିଶୁକୁ ସନ୍ଦେହଜନକ ଭାବେ ରଖିଥିବା ନେଇ ଗୋଳନ୍ଥରା ଥାନାରେ ବୁଧବାର ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଡାକ୍ତରଙ୍କ ସହ ୨ ମହିଳାଙ୍କୁ ଅଟକ ରଖି ପଚରାଉଚରା କରୁଛି। ବିହାର ମୁଜାଫରପୁରର ଏକ ଦମ୍ପତି ଭୁବନେଶ୍ୱର ଆସିଥିବାବେଳେ ତାଙ୍କ ୪ବର୍ଷୀୟ ପୁଅ ଗତ ୮ ତାରିଖରେ ମାଷ୍ଟରକ୍ୟାଣ୍ଟିନ ରେଳ ଷ୍ଟେଶନରୁ କେଉଁଆଡେ ନିଖୋଜ ହୋଇଯାଇଥିଲେ। ଗୋଳନ୍ଥରାରେ ଥିବା ଶିଶୁ ଭୁବନେଶ୍ୱରରୁ ନିଖୋଜ ଶିଶୁ କି ନୁହଁନ୍ତି ସେ ନେଇ ତଦନ୍ତ ପାଇଁ ଖାରବେଳନଗର ଥାନାରୁ ଏକ ଟିମ୍ ଗୁରୁବାର ଆସିବେ ବୋଲି ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗୋଳନ୍ଥରା ଥାନା ଦୁମୁଦୁମି ଗ୍ରାମଛକରେ ଜଣେ ବ୍ୟକ୍ତି ଆୟୁର୍ବେଦିକ ଡାକ୍ତର ଫଳକ ଲଗାଇ ଏକ କ୍ଲିନିକ ଖୋଲିଛନ୍ତି। ପ୍ରାୟ ୧୫ ଦିନ ହେବ ସେ ଏକ ଶିଶୁପୁତ୍ର (୪ରୁ ୫ ବର୍ଷ)ଙ୍କୁ କେଉଁଠାରୁ ଆଣି ପାଖରେ ରଖିଥିଲେ। ତାଙ୍କୁ ନିର୍ଯାତନା ମଧ୍ୟ ଦେଉଥିଲେ। ଗ୍ରାମର କେତେଜଣ ମହିଳା ଉକ୍ତ ଶିଶୁପୁତ୍ରଙ୍କ ସମ୍ପର୍କରେ ପଚାରିବାରୁ ସେ କିଛି କହୁ ନ ଥିଲେ। ଇତିମଧ୍ୟରେ ଭୁବନେଶ୍ୱର ରେଳ ଷ୍ଟେଶନରୁ ଏକ ଶିଶୁପୁତ୍ର ନିଖୋଜ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଥିଲା। ସନ୍ଦେହ କରି ଦୁମୁଦୁମି ଗ୍ରାମବାସୀ ବୁଧବାର ଉକ୍ତ କ୍ଲିନିକକୁ ଯାଇ ଶିଶୁପୁତ୍ର ସମ୍ପର୍କରେ ପଚାରିଥିଲେ। ସେଠାରେ ରହୁଥିବା ୨ ମହିଳା ଶିଶୁପୁତ୍ରକୁ ଯେଉଁଠାରୁ ଆଣିଥିଲୁ ସେଠାରେ ଛାଡ଼ିଦେଇଛୁ ବୋଲି କହିଥିଲେ। ଗ୍ରାମବାସୀ ସେଠାରେ ହୋ ହଲ୍ଲା କରିଥିଲେ। କିଛିସମୟ ପରେ ଉକ୍ତ କ୍ଲିନିକ୍‌ର ଡାକ୍ତର ପହଞ୍ଚିଥିଲେ। କୌଣସି ଏକ କାମରେ କନିଷ୍ଠ ତହସିଲଦାର ରାଜ କିଶୋର ଜେନା ଉକ୍ତ ରାସ୍ତା ଦେଇ ଯାଉଥିବା ବେଳେ ଗ୍ରାମବାସୀ ରୁଣ୍ଡ ହୋଇଥିବା ଦେଖି ଅଟକିଥିଲେ। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ତହସିଲଦାରଙ୍କୁ କହିଥିଲେ। କ୍ଲିନିକକୁ ଯାଇ ତହସିଲଦାର ଜେନା ଶିଶୁପୁତ୍ର ସମ୍ପର୍କରେ ମହିଳା ଓ ଡ଼ାକ୍ତରଙ୍କୁ ପଚାରି ବୁଝିଥିଲେ। ସେମାନେ ଶିଶୁପୁତ୍ରକୁ ଭୁବନେଶ୍ୱର ରେଳ ଷ୍ଟେଶନରୁ ଆଣିଥିଲୁ ଏବଂ ସେଠାରେ ମଙ୍ଗଳବାର ଛାଡି ଦେଇଛୁ ବୋଲି କହିଥିଲେ। ତହସିଲଦାର ଏନେଇ ଗୋଳନ୍ଥରା ଥାନାକୁ ଖବର ଦେଇଥିଲେ। ଦୁଇ ମହିଳା ଓ ଡ଼ାକ୍ତରଙ୍କୁ ଥାନାରେ ପଚରାଉଚୁରା ଚାଲିଥିବା ଥାନାଧିକାରୀ ବାବୁଲି ନାୟକ କହିଛନ୍ତି। ସନ୍ଧ୍ୟାରେ ଦୁମୁଦୁମି ଗ୍ରାମ ବଣିକ ସଂଘ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛି।

- ଭୁବନେଶ୍ୱର ଶିଶୁଚୋରି ଘଟଣାରେ ରହିଛି ସାମଞ୍ଜସ୍ୟ
- ତଦନ୍ତ ପାଇଁ ଗୋଳନ୍ଥରା ଯିବ ଖାରବେଳନଗର ପୋଲିସ

## ସଂକ୍ଷେପରେ

### ମାଙ୍କଡ଼ କାମୁଡାରେ ମହିଳାଙ୍କ ମୃତ୍ୟୁ

ପୁରୁଷୋତ୍ତମପୁର,୨୨।୧(ଡି.ଏନ.ଏ.)- ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ କେଏନ୍‌ପୁର ଗ୍ରାମରେ ଏକ ପାଗଳ ହନୁ ମାଙ୍କଡ ଆତଙ୍କ ଚଳାଇଛି। ସେହି ମାଙ୍କଡ଼ ଆକ୍ରମଣରେ ବୁଧବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜମ୍ବୁ ଗୌଡ (୬୨)। ଜମ୍ବୁ ବାରିପଟେ ବାସନ ମାଜୁଥିବାବେଳେ ହଠାତ୍ ହନୁମାଙ୍କଡ଼ଟି ଆସି ତାଙ୍କୁ ଆକ୍ରମଣ କରିଥିଲା। ଚିତ୍କାର ଶୁଣି ପରିବାର ଲୋକେ ଦୌଡିଯାଇ ମାଙ୍କଡ଼ କବଳରୁ ଜମ୍ବୁଙ୍କୁ ଉଦ୍ଧାର କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପ୍ରବଳ ରକ୍ତସ୍ରାବ କାରଣରୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁରୁଷୋତ୍ତମପୁର ଥାନା ଏସ୍‌ଆଇ ଚମ୍ପାବତୀ ମାରାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି। ଏ ନେଇ ନଂ.୧/୨୦ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିବା ସହ ଉକ୍ତ ମାଙ୍କଡ଼କୁ କାବୁ କରିବାକୁ ଖଲ୍ଲିକୋଟ ବନବିଭାଗ ଅଧିକାରୀଙ୍କ ଠାରେ ଦାବି କରିଛନ୍ତି।

### ଆହତ ଜଙ୍ଗଲୀ ବିଲେଇ ଉଦ୍ଧାର



ବୁଗୁଡ଼ା,୨୨।୧(ଡି.ଏନ.ଏ.)-ବୁଗୁଡ଼ା ବନାଞ୍ଚଳ କରଚୁଲି ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ମାଣିତରା ବିଟ୍ ଅଞ୍ଚଳରେ ଥିବା ବେଲଚାଅଁରା ଘାଇ ନିକଟରୁ ବୁଧବାର ଏକ ଆହତ ଜଙ୍ଗଲୀ ବିଲେଇ ଉଦ୍ଧାର କରାଯାଇଛି। ସେ କୌଣସି କାରଣରୁ ପଡ଼ି ରହି ଛଟପଟ ହେଉଥିଲା। ଘାଇକୁ ଗାଧୋଇ ଯାଉଥିବା ଲୋକେ ଏହା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ମାଣିତରା ବନପାଳ ସରସ୍ୱତୀ ନାୟକ, ବନରକ୍ଷୀ ସବିତା ସାହୁ ଓ ଆରତୀ ପଣ୍ଡା ତାହାକୁ ଉଦ୍ଧାର କରି ବୁଗୁଡ଼ା ପ୍ରାଣୀ ଚିକିତ୍ସାଳୟକୁ ଆଣିଥିଲେ। ଏସିଏଫ ଶଙ୍କର୍ଷଣ ବେହେରା ଓ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ଉକ୍ତ ଜଙ୍ଗଲୀ ବିଲେଇର ସ୍ୱାସ୍ଥ୍ୟାବସ୍ଥା ନେଇ ଅବଗତ ହୋଇଥିଲେ। ତାକୁ ପୁଣି ଜଙ୍ଗଲରେ ଛଡ଼ାଯିବ।

### ବେଗୁନିଆପଡ଼ା କ୍ରିକେଟ ଟିମ୍ ବିଜୟୀ

ଆସିକା,୨୨।୧(ଡି.ଏନ୍.ଏ.)- ଆସିକା ତାଲୁକା ଛକଠାରେ ଚାଲିଥିବା କାହ୍ନୁଚରଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ମ୍ୟାଚ ବେଗୁନିଆପଡ଼ା ପାୟୋନିଅର କ୍ରିକେଟ କ୍ଲବ ଓ ଆସିକା ପାୱାର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିଣି ପାୟୋନିଅର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୪୪ ରନ ସଂଗ୍ରହ କରିଥିଲା। ଏହି ରନ୍‌ର ପିଛା କରି ପାୱାର ଟିମ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୬୩ ରନ କରି ପରାଜିତ ହୋଇଛି। ବେଗୁନିଆପଡାର ଶିବ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ।

# ଦିଗପହଣ୍ଡି, ଭଞ୍ଜନଗର ଟିମ୍ ବିଜୟୀ

**ଛତ୍ରପୁର,୨୨।୧(ଡି.ଏନ.ଏ)**

**ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ସାଧାରଣତନ୍ତ୍ର ଦିବସ ପରିପ୍ରେକ୍ଷୀରେ ଛତ୍ରପୁର ଷ୍ଟାଡିୟମ ପରିସରରେ ଜିଲା ପ୍ରଶାସନ ଓ ୟୁରୋ କିଡ୍‌ସ ପ୍ରି ସ୍କୁଲର ମିଳିତ ସହଯୋଗରେ ବୁଧବାର ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମ ମ୍ୟାଚ୍ ଛତ୍ରପୁର ଟାଉନ୍ କ୍ଲବ ଓ ଦିଗପହଣ୍ଡି ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ପେନାଲିଟି ସୁଟ୍ ଆଉଟରେ ଦିଗପହଣ୍ଡି ଦଳ ୬-୫ ଗୋଲରେ ବିଜୟୀ ହୋଇଛି। ଦିଗପହଣ୍ଡି ଟିମର ଗୋଲ୍‌କିପର ପ୍ରଭଞ୍ଜନ ବାରିକ ଶ୍ରେଷ୍ଠ ଖେଳାଳି ଭାବେ ସମ୍ମାନିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ବ୍ରହ୍ମପୁର ନୀଳକଣ୍ଠେଶ୍ୱର ନଟି ଫଟି ଟିମ୍‌କୁ ୨-୦ ଗୋଲରେ ହରାଇ ଭଞ୍ଜନଗର ଫୁଟବଲ୍ କ୍ଲବ ବିଜୟୀ ହୋଇଛି। ଭଞ୍ଜନଗର ଟିମ୍‌ର ଶଙ୍କର ମଲ୍ଲିକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କାର୍ଯ୍ୟକ୍ରମରେ ଡୁଡା ପିଡି ସୁଦାମ ଚରଣ ମଣ୍ଡଳ, ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଶକ୍ତି ଆଣ୍ଡ ଏଜୁକେଶନ ଓ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର, ୟୁରୋ କିଡସ ପ୍ରି ସ୍କୁଲର ପ୍ରିନ୍ସିପାଲ ଡାଇନା ମିଶ୍ର, କାର୍ଯ୍ୟକାରୀ ପ୍ରିନ୍ସିପାଲ ସସ୍ମିତା ମହାପାତ୍ର, ସଞ୍ଜୀବ କୁମାର ସାହୁ, ସବ୍ୟସାଚୀ କର, ବିନୋଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତୋଷ ଗୌଡ, ତୁଷାରକାନ୍ତ ପାଣ୍ଡି, ଡି. ଗଣେଶ, ଏମ୍. ରବୀନ୍ଦ୍ର ସେନାପତି, ଭେଙ୍କଟ ଦୋରା, ଅଜୟ କୁମାର ପରିଡା, କେ. ରାମା ରାଓ, ଏ. ମୋହନ ରାଓ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ରଞ୍ଜିତ ପାତ୍ର, କୈଳାସ ଶତପଥୀ, ବିଜୟ ଅଧିକାରୀ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ୨୬ ତାରିଖରେ ଟୁର୍ନାମେଣ୍ଟ ଶେଷ ହେବ। ଏଥିରେ ଜିଲାର ୮ ଟିମ ଅଂଶ ଗ୍ରହଣ କରିଛନ୍ତି।



ଖେଳାଳିଙ୍କୁ ଡିଆରଡିଏ ପିଡି ପୁରସ୍କୃତ କରୁଛନ୍ତି।

### ଘାଟିରେ ଦୁର୍ଘଟଣା

ବାଲିଗୁଡ଼ା, ୨୨।୧ (ଡି.ଏନ୍.ଏ.): ବାଲିଗୁଡା ବ୍ଲକ ସୁଡ୍ରା ପଞ୍ଚାୟତ ଡାବୁଡ଼କିଆ ଘାଟିରେ ବୁଧବାର ବାଇକ୍ ଓ ପିକଅପ ଭ୍ୟାନ ଧକ୍କାରେ ବାଇକ ଆରୋହୀ ମେଲିସିକିଆର ବିପ୍ର ମଲିକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।




# ଉଠା ଦୋକାନୀଙ୍କ ବିକ୍ଷୋଭ



ଉଠା ଦୋକାନୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ଆସିକା,୨୨।୧(ଡି.ଏନ୍.ଏ.)**

ଆସିକା ଏନ୍‌ଏସିର ବାଣୀବିହାର ରାସ୍ତାକଡ଼ରେ ଉଠା ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି। ଏମାନଙ୍କୁ ତୁରନ୍ତ ଥଇଥାନ ଦାବି ନେଇ ବୁଧବାର ଆସିକା କ୍ଷୁଦ୍ର ବ୍ୟବସାୟୀ ଓ ବସ୍ତିବାସିନ୍ଦା ସଂଘ ପକ୍ଷରୁ ଆସିକା ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ତହସିଲ କାର୍ଯ୍ୟାଳୟରେ କ୍ୟାମ୍ପ କୋର୍ଟ କରିଥିବା ଭଞ୍ଜନଗର ଉପଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଉଚ୍ଛେଦ କରାଯାଇଥିବା କ୍ଷୁଦ୍ର ବ୍ୟବସାୟୀଙ୍କୁ ପ୍ରତିଶ୍ରୁତି ମୁତାବକ ତୁରନ୍ତ ଥଇଥାନ, କଳିଙ୍ଗା ରୋଡ ମୁଖ୍ୟରାସ୍ତା କଡରେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କୁ ଆବାସ ଯୋଜନାରେ ଗୃହ ପ୍ରଦାନ ପରେ ସେମାନଙ୍କୁ ଉଚ୍ଛେଦ କରିବା ଓ କଳିଙ୍ଗା ରୋଡ କଡ଼ରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ଭେଣ୍ଡିଂ ଜୋନରେ ଘର ତିଆରି ଥଇଥାନ କରିବା ଆଦି ଦାବି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ତହସିଲ ସମ୍ମୁଖରେ ହୋଇଥିବା ପ୍ରତିବାଦ ସଭାରେ ଶ୍ରମିକ ନେତା ପ୍ରଫୁଲ୍ଲ ରାଓ, ଲକ୍ଷ୍ମଣ ପାଢୀ, ଉପେନ୍ଦ୍ର ନାହାକ, ସନ୍ନ୍ୟାସୀ ନାହାକ, ଝିଲି ସ୍ୱାଇଁ, ସନ୍ତୋଷ ସାହୁ ପ୍ରମୁଖ ଉଦବୋଧନ ଦେଇ ସରକାର ତୁରନ୍ତ କ୍ଷୁଦ୍ରବ୍ୟବସାୟୀଙ୍କ ଥଇଥାନ ବ୍ୟବସ୍ଥା ନ କଲେ ଆଗାମୀ ଦିନରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ସିଂହଳା ଗ୍ରାମରେ ହାତୀପଲଙ୍କ ଉପଦ୍ରବ

**ଗୋପାଳପୁର,୨୨।୧**

**ନଷ୍ଟ କଲେ ଧାନ, କଦଳୀ ଓ ପନିପରିବା**

ଗୋଳନ୍ଥରା ଥାନା ଅଞ୍ଚଳର ଗୋବିନ୍ଦ ନଗର, କୃଷ୍ଣନଗର, ଏରେଣ୍ଡା, ଭାଲିଆଗଡ଼, ଗୋବିନ୍ଦନଗର, ରାଧାମୋହନପୁର, ଝିଙ୍କିପଦର ଆଦି ଗ୍ରାମରେ ଗତ ୧୫ ଦିନ ହେଲା ହାତୀପଲ ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ବନ ବିଭାଗ ହାତୀ ଘଉଡ଼ାଇବାକୁ ଉଦ୍ୟମ କରି ନାକେଦମ ହୋଇ ପଡ଼ିଲେଣି। ଗତ ୨ଦିନ ହେଲା ୧୪ଟି ହାତୀ ଟାମଣା ଜଙ୍ଗଲରେ ଘୁରି ବୁଲୁଛନ୍ତି। ହାତୀପଲ ଟାମଣା ରାସ୍ତା ପାର ହେଉଥିବା ମଧ୍ୟ ବନ ବିଭାଗ କର୍ମଚାରୀ ଦେଖିଥିବା ସୂଚନା ମିଳିଛି। ମଙ୍ଗଳବାର ମଧ୍ୟରାତ୍ରରେ ସିଂହଳା ଗ୍ରାମର ଭାଲୁ ଗୌଡ଼ଙ୍କ ଜମିରେ ୧୫ ଭରଣ ଧାନ, କଦଳୀ ଗଛ, ପନିପରିବା ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରି ଦେଇଛନ୍ତି। ବୁଧବାର ଭୋର ସମୟରେ ଭାଲୁ ଜମିକୁ ଯାଇଥିବାବେଳେ ହାତୀପଲ ଥିବା ଦେଖିବାକୁ ପାଇଥିଲେ। ଫଳରେ ଲୋକେ ସନ୍ଧ୍ୟା ହେଲେ ଘରୁ ବାହାରିବାକୁ ଭୟ କରୁଛନ୍ତି।

ଏ ନେଇ ଜିଲା ବନ ବିଭାଗ ଅଧିକାରୀ ଅମ୍ଳାନ ନାୟକଙ୍କୁ ପଚାରିବାରୁ ଗତ ୧୫ ଦିନ ହେବ ଚିକିଟି ଅଞ୍ଚଳରେ ଏହି ହାତୀ ପଲ ବୁଲୁଥିଲେ। ସେଠାରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି। ଚାଷୀମାନେ ଆବେଦନ କଲେ କ୍ଷତିପୂରଣ ମିଳିବ। ହାତୀପଲ ଟାମଣା ଓ କୁସୁମୀ ଅଞ୍ଚଳରେ ଘୁରି ବୁଲୁଛନ୍ତି। ଦିଗପହଣ୍ଡି ଓ ବଡ଼ଗଡ଼ ଅଞ୍ଚଳକୁ ଘଉଡ଼ାଇବା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଉଛି। ଏଥିସହ ଅଞ୍ଚଳରେ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି।



ହାତୀପଲ ନଷ୍ଟ କରିଥିବା ଧାନ ଫସଲ ଓ କଦଳୀ ଗଛ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ